୨୬ ବର୍ଷରେ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.179 Bhubaneswar Thursday August 22 2024 | ୨୬ତମ ବର୍ଷ ସଂଖ୍ୟା-୧୭୯ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୨, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


## ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ହଟିଲେ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ

ଭୁବନେଶ୍ୱର,୨୧।୮(ପି.ଏନ): ଟିକିରି ମଦ ମୃତ୍ୟୁ ମାମଲାରେ କାର୍ଯ୍ୟାନୁଷ୍ଠାନ। ହଟିଲେ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିର୍ଦ୍ଦେଶ ପରେ ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ହଟାଇଲେ ରାଜ୍ୟ ସରକାର। ଗଞ୍ଜାମ ଜିଲ୍ଲା ଟିକିରିରେ ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ଘଟିଥିବା ୧୨ରୁ ଅଧିକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।ଗଞ୍ଜାମ ଜିଲ୍ଲା ଟିକିଟିଠାରେ ହୋଇଥିବା ମଦ ଘଟଣା ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଓ ଅବକାରୀ କମିଶନର ନରସିଂହ ଭୋଳଙ୍କ ସହ ଆଲୋଚନା କରିଛନ୍ତି। ପରେ ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି, ବେଆଇନ୍ ମଦ କାରବାର ନେଇ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ମାମଲାରେ ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଖୋଜି ବାହାର କରାଯିବା ସହିତ ଆଇନ



ଅନୁଯାୟୀ କଠୋର ଦଣ୍ଡବିଧାନ କରାଯିବ। ଏଥିସହିତ ବେଆଇନ୍ ତଥା ଚୋରା ମଦ କାରବାରକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଆବଶ୍ୟକୀୟ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## ୧ ଟଙ୍କା ବୃଦ୍ଧି ପାଇବ ମିଡ୍ ଡେ ମିଲ୍ ସହାୟତା ରାଶି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସୂଚନା

ଭୁବନେଶ୍ୱର,୨୧।୮(ପି.ଏନ): ବଢ଼ିବ ମଧ୍ୟାହ୍ନ ଭୋଜନ ସହାୟତା ରାଶି। ମିଲ୍ ପିଛା ୧ ଟଙ୍କା ବୃଦ୍ଧି କରାଯିବା ନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସୂତ୍ରରୁ ପ୍ରକାଶ ଦରଦାମ ବୃଦ୍ଧିକୁ ଦେଖି ମିଡ୍ ଡେ ମିଲ୍ ପିଛା ଦାମ ୧ ଟଙ୍କା ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ରାଜ୍ୟ ସରକାର ଖୁବଶୀଘ୍ର ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଦୀର୍ଘ ଦିନ ଧରି ମିଡ୍ ଡେ ମିଲ୍ ସହାୟତା ରାଶି ବୃଦ୍ଧି କରିବାକୁ ଦାବି ହୋଇ ଆସୁଥିଲା



। ମିଡ୍ ଡେ ମିଲରେ କମ ପଇସା ମିଳୁଥିବାରୁ ଏହାକୁ ନେଇ ଅନେକ ସମୟରେ ଅସନ୍ତୋଷ ଦେଖିବାକୁ ମିଳୁଥିଲା। ବର୍ତ୍ତମାନ ମିଡ୍ ଡେ ମିଲ୍ ସହାୟତା ରାଶିର ପରିମାଣ ବୃଦ୍ଧି କରିବାକୁ ଯାଉଛନ୍ତି ରାଜ୍ୟ ସରକାର।

## ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କଲେ ବିଜେପି ନେତା ଜଗନ୍ନାଥ ପ୍ରଧାନ



ଭୁବନେଶ୍ୱର,୨୧।୮(ପି.ଏନ): ରାଜ୍ୟସଭା ପାଇଁ ନାମାଙ୍କନ ଭରିଲେ ବିଜେପି ନେତା ଜଗନ୍ନାଥ ପ୍ରଧାନ। ସେ ରିଟର୍ଣ୍ଣିଂ ଅଫିସରଙ୍କ ପାଖରେ ନାମାଙ୍କନ ଦାଖଲ କରିଛନ୍ତି। ଦଳ ପକ୍ଷରୁ ତାଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯାଇ ନଥିବା ବେଳେ ସେ ଆଜି କାହିଁକି ନାମାଙ୍କନ ଦାଖଲ କଲେ, ତାହା ଜଣାପଡି ନାହିଁ।ବିଜେପି ବିଧାୟକଙ୍କ ଉପସ୍ଥିତିରେ ଜଗନ୍ନାଥ ପ୍ରଧାନ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ନାମାଙ୍କନରେ ୧୦ ଜଣ ବିଧାୟକ ପ୍ରସ୍ତାବକ ପଡିଛନ୍ତି। ଗୋଟିଏ ସେଟ୍ ନାମାଙ୍କନ ଭରିଛନ୍ତି ଜଗନ୍ନାଥ ପ୍ରଧାନ। ଅଗସ୍ତି ବେହେରା ପ୍ରଥମ ପ୍ରସ୍ତାବକ ପଡ଼ିଥିବା ବେଳେ ଦୁର୍ଗା ପ୍ରସାଦ ନାୟକ, ଦୁଷ୍ମନ୍ତ ସ୍ୱାଇଁ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଲକ୍ଷ୍ମଣ ବାଗ ପ୍ରସ୍ତାବକ ପଡିଛନ୍ତି।

### ୨୫ ହଜାର ଟଙ୍କା ନେଲା ବେଳେ ଧରାପଡିଲେ କନିଷ୍ଠ ରାଜସ୍ୱ ସହାୟକ

ଭୁବନେଶ୍ୱର,୨୧।୮(ପି.ଏନ): ୨୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ପଡିଲେ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହାୟକ(ଔଜଇ)। ବକେୟା ବିଲ୍ ? କରାଇଦେବାକୁ କହି ସେ ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଟିମ୍ ? ଏବେ ଔଜଇଙ୍କ ଅଫିସ୍, ସରକାରୀ କ୍ୱାର୍ଟର୍ସ ଓ ପୈତୃକ ଘରେ ଚଢ଼ଉ ଜାରି ରଖିଛି।୨୦୨୧-୨୨ ମସିହାରେ ବୌଦ୍ଧ ଜିଲ୍ଲା ମ୍ୟୁଜିୟମ୍‌ରେ ଭୁବନେଶ୍ୱରର ଏକ ଠିକା ସଂସ୍ଥା ଆକ୍ୟୁରମ୍ ପ୍ରକଳ୍ପ କରିଥିଲା। ହେଲେ ସେହି ପ୍ରକଳ୍ପର ପୂର୍ଣ୍ଣାଙ୍ଗ ବିଲ୍ ମିଳୁନଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ ରାଜସ୍ୱ ସହାୟକ(ଔଜଇ) ଭାବେ କାର୍ଯ୍ୟ କରୁଥିଲେ ଚୌଧୁରୀ ପୁପୁନ କୁମାର ଦାଶ ଏହି ବିଲ୍ ପାଇଁ ଡିଲ୍ କରିଥିଲେ। ୨୫ ହଜାର ଟଙ୍କା ଦେଲେ ଫାଇନାଲ୍ କରି ଦିଆଯିବ ବୋଲି ଶ୍ରୀ ଦାଶ କହିଥିଲେ। ଏନେଇ ଠିକା ସଂସ୍ଥା ପକ୍ଷରୁ ଭିଜିଲାନ୍ସରେ ଅଭିଯୋଗ କରାଯାଇଥିଲା।

### ଉଚ୍ଚଶିକ୍ଷା ବିଭାଗ ସହ ଯୋଡି ହେଲା ଦକ୍ଷତା ବିକାଶ

ଭୁବନେଶ୍ୱର,୨୧।୮(ପି.ଏନ): ଉଚ୍ଚଶିକ୍ଷା ବିଭାଗ ସହ ଯୋଡି ହେଲା ଦକ୍ଷତା ବିକାଶ। ଆଉ ଏଣିକି ଯୁକ୍ତ ୩ ଓ ବିଟେକ ଛାତ୍ରଛାତ୍ରୀ ବି ପାଇଁ ଦକ୍ଷତା ବିକାଶର ତାଲିମ ପାଇପାରିବେ। ଏଥିପାଇଁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କୋରସେରା ସହ ଚୁକ୍ତି ସ୍ୱାକ୍ଷର କରିଛି। କୋରସେରା ୩୦ ଜିଲ୍ଲାରେ ୬୦୦୦ ପାଠ୍ୟକ୍ରମ ଦେବ। ବିଟେକ, ପଲିଟେକନିକ୍, ଆଇଟିଆଇ ଆଦି କ୍ଷେତ୍ରରେ ୧ ଲକ୍ଷରୁ ଅଧିକ କୋର୍ସ ପାଇଁ ଲାଇସେନ୍ସ ଦିଆଯିବ। ଡିଜିଟାଲ ଜରିଆରେ କେବଳ ଅନଲାଇନରେ ସ୍କିଲ ଇନ ଇଣ୍ଡିଆ ୱେବସାଇଟରେ ରେଜିଷ୍ଟ୍ରେସନ କରି ଏଆଇ ଓ କ୍ଲାଉଡ଼ କମ୍ପ୍ୟୁଟିଙ୍ଗ ଭଳି କୋର୍ସ କରିପାରିବେ ଛାତ୍ରଛାତ୍ରୀ।

## ଡରାଉଛି ଅଜଣା ରୋଗ, ୯୦ରୁ ଅଧିକ ଆକ୍ରାନ୍ତ

ଭୁବନେଶ୍ୱର,୨୧।୮(ପି.ଏନ):କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତର ୧୩ ନମ୍ବର ୱାର୍ଡରେ ଅଜଣା ରୋଗର ଆତଙ୍କ ସୃଷ୍ଟି କରିଛି। ଏହି ଅଜଣା ରୋଗରେ ୯୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। କିଛି ଲୋକ ସ୍ଥାନୀୟ ହସ୍ପିଟାଲରେ ଓ ଆଉ କିଛି ଭୁବନେଶ୍ୱର/କଟକ ଆସି ଚିକିତ୍ସା କରୁଛନ୍ତି। ହେଲେ ରୋଗର ନାଁ କିମ୍ବା କାରଣ ଏଯାଏ ଜଣାପଡିନି।ଅଜଣା ରୋଗରେ ଆକ୍ରାନ୍ତ ହେଉଥିବାର ଲୋକମାନଙ୍କୁ ପ୍ରଥମେ ଜ୍ୱର ହେଉଛି। କିଛି ଦିନ ପରେ ଗୋଡ଼ ଓ ହାତ ଗଣ୍ଠିରେ ଅସହ୍ୟ ଯନ୍ତ୍ରଣା ହେଉଛି। ଶେଷରେ ନାକରେ କଳାଦାଗ ସବୁ ସୃଷ୍ଟି ହେଉଛି। ସେହିପରି ଦେହରେ ନାଲି ନାଲି ଫଳି ଯାଉଛି। କିଛି ମହିଳାଙ୍କ ଗୋଡ ମଧ୍ୟ ବଙ୍କା ହୋଇଯାଉଛି।ଏମିତି କି ୩/୪ଦିନ ଜ୍ୱର



ଲାଗି ରହିଲେ ରୋଗୀ ପକ୍ଷରେ ଏକାକୀ ଉଠି ଚାଲିବା ବି କଷ୍ଟକର ହୋଇପଡୁଛି।ଏଭଳି ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ୯୦ରୁ ଅଧିକ ଲୋକ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଜର ଚିକିତ୍ସା କରିଥିଲେ। ହେଲେ କିଛି ସୁଫଳ ନ ମିଳିବାରୁ ସେମାନଙ୍କ ମଧ୍ୟରୁ ଅନେକ ଲୋକ କଟକ ଓ ଭୁବନେଶ୍ୱର ଯାଇ ବିଭିନ୍ନ ହସ୍ପିଟାଲରେ ମଧ୍ୟ ଚିକିତ୍ସିତ ହେଉଛନ୍ତି।

## ଔଷଧ ତିଆରି କମ୍ପାନୀ ବିସ୍ଫୋରଣ ଘଟଣା; ୪ ମୃତ, ୨୦ ଆହତ





ଭୁବନେଶ୍ୱର,୨୧।୮(ପି.ଏନ): ଆନ୍ଧ୍ରପ୍ରଦେଶର ଅନାକାପଲ୍ଲେ ଏସେନ୍ସିଆ ଔଷଧ ତିଆରି କମ୍ପାନୀ ବିସ୍ଫୋରଣ ଘଟଣାରେ ଚାରି ଜଣଙ୍କ ମୃତ୍ୟୁ। ସଦ୍ୟତମ ରିପୋର୍ଟ ଅନୁସାରେ, ଏହି ବିସ୍ଫୋରଣରେ ଏଯାବତ୍ ଚାରି ଜଣଙ୍କ ଜୀବନ ଯାଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି।ଏନେଇ ଅନାକାପଲ୍ଲେ ଏସପି ଦୀପିକା ପାଟିଲ ସୂଚନା ଦେଇଛନ୍ତି। ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଚାଲିଥିବା ଏସପି କହିଛନ୍ତି। ସେ କହିଛନ୍ତି ଯେ, ବିଲ୍ଡିଂ ଥିବା ରିଆକ୍ଟର ସାଇଟରେ ବିସ୍ଫୋରଣ ଘଟିଛି। କିନ୍ତୁ ରିଆକ୍ଟର କାରଣରୁ ଯେ ବିସ୍ଫୋରଣ ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ କି ପ୍ରକୃତରେ ଅଗ୍ନିକାଣ୍ଡର କାରଣ କଣ ଜଣାପଡିନାହିଁ।

### ଓଡ଼ିଶାରେ ଛଅ ଗୋଟି ନୂତନ ରେଳ ଲାଇନ ପ୍ରକଳ୍ପର ମଞ୍ଜୁରୀ ନେଇ ରାଷ୍ଟ୍ରପତିଙ୍କୁ ଭେଟିଲେ ରେଳ ମନ୍ତ୍ରୀ

ଭୁବନେଶ୍ୱର,୨୧।୮(ପି.ଏନ): ଓଡିଶାର ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ରାଜ୍ୟରେ ଛଅ ଗୋଟି ନୂତନ ରେଳ ଲାଇନ ପ୍ରକଳ୍ପର ମଞ୍ଜୁରୀ ସମ୍ପର୍କରେ ଅବଗତ କରାଇଛନ୍ତି। ଅର୍ଥନୈତିକ ଅଭିବୃଦ୍ଧି ତଥା ଓଡିଶାର ମାତ୍ରାଧିକ ଜନବହୁଳ ଜନଜାତି ତଥା ଆକାଂକ୍ଷା ଜିଲ୍ଲାକୁ ଅତ୍ୟାବଶ୍ୟକ ସେବା ଯୋଗାଇବାରେ ଏହି ପ୍ରକଳ୍ପଗୁଡିକର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ ରେଳ ମନ୍ତ୍ରୀ। ବୈଷ୍ଣବ ମହାମହିମ ରାଷ୍ଟ୍ରପତିଙ୍କୁ ସୂଚନା ଦେଇ କହିଛନ୍ତି ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି (ସିସିଏ) ୧୦ ଅଗଷ୍ଟ ୨୦୨୪ରେ ଆଠଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛି, ସେଥିମଧ୍ୟରୁ ଛଅ ଗୋଟି ଓଡିଶାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ।

## ସେପ୍ଟେମ୍ବର ସୁଦ୍ଧା ସବୁ ଘରକୁ ବିଜୁଳି ସଂଯୋଗ, ବନ୍ଦ ହୋଇନି ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା: ଶକ୍ତି ମନ୍ତ୍ରୀ

ଭୁବନେଶ୍ୱର,୨୧।୮(ପି.ଏନ): ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟର ସବୁ ଘରକୁ ବିଦ୍ୟୁତ ସଂଯୋଗ କରାଯିବ। ଏନେଇ ସୂଚନା ଦେଇଛନ୍ତି ଶକ୍ତି ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି। ଏଥିସହିତ ଗରିବଙ୍କୁ ବିଦ୍ୟୁତ ସଂଯୋଗ ପାଇଁ ରାଜ୍ୟ ସରକାରଙ୍କ 'ବିଜୁ ଗ୍ରାମ୍ୟଜ୍ୟୋତି ଯୋଜନା' ଏବେବି ବଳବତ୍ତର ରହିଛି ବୋଲି ସେ କହିଛନ୍ତି।ଆଜି ବିଧାନସଭାରେ ବିଧାୟକ ପବିତ୍ର ସାଉଁନ୍ତା ଓ ଗଣେଶ୍ୱର ବେହେରାଙ୍କ ଦୁଇଟି ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ସିଂଦେଓ କହିଛନ୍ତି ଯେ, ରାଜ୍ୟରେ ବିଦ୍ୟୁତସଂଯୋଗ ପାଇନଥିବା ବାସ ଘରଗୁଡିକୁ ରାଜ୍ୟ ସରକାରଙ୍କ ଯୋଜନାରେ ସାମିଲ କରାଯାଇଛି। ବିଦ୍ୟୁତିକରଣ ପାଇଁ ବିଭିନ୍ନ ଡିସକମ୍ କମ୍ପାନୀକୁ ୪୧୫ କୋଟି ଟଙ୍କା ଦିଆଯାଇଛି। ସେହି



ବାସଗୃହଗୁଡିକରେ ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ବିଦ୍ୟୁତସଂଯୋଗ ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

## ଭାରତ ବନ୍ଦ: ସ୍କୁଲ ପିଲା ଥିବା ବସ୍‌ରେ ନିଆଁ ଲଗାଇବାକୁ ବିକ୍ଷୋଭକାରୀଙ୍କ ଉଦ୍ୟମ

ଭୁବନେଶ୍ୱର,୨୧।୮(ପି.ଏନ): ଓଡିଶାରେ ଭାରତ ବନ୍ଦର ପ୍ରଭାବ ପଡି ନଥିଲେ ହେଁ ବିହାର ଭଳି ଅନ୍ୟ କିଛି ରାଜ୍ୟରେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ତେବେ ଭାରତ ବନ୍ଦ ବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ଭଳି ଘଟଣା ବିହାରର ଗୋପାଳଗଞ୍ଜ ଅଞ୍ଚଳରୁ ଆସିଛି।ଭାରତ ବନ୍ଦ ଡାକରା ସତ୍ତ୍ୱେ ରାସ୍ତାରେ ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଗୋଟିଏ ବସ୍‌ରେ ନିଆଁ ଲଗାଇ ଦେବାକୁ ଚେଷ୍ଟା କରିଛନ୍ତି ବିକ୍ଷୋଭକାରୀ। ତେବେ ପୁଲିସ୍ ଓ ଆଉ କିଛି ଲୋକଙ୍କ ହସ୍ତକ୍ଷେପ ଯୋଗୁ ଗୋଟିଏ ବଡ ଅଘଟଣ ଟଳି ଯାଇଛି।



## ବିଷାକ୍ତ ମଦ ନେଲା ଆଉ ଜଣଙ୍କ ଜୀବନ; ମୃତ୍ୟୁ ସଂଖ୍ୟା ଦୁଇରେ ପହଞ୍ଚିଲା

ଭୁବନେଶ୍ୱର,୨୧।୮(ପି.ଏନ): ବିଷାକ୍ତ ମଦ ନେଲା ଆଉ ଜଣଙ୍କ ଜୀବନ। ମୃତ୍ୟୁ ସଂଖ୍ୟା ଦୁଇରେ ପହଞ୍ଚିଲା। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଜେନାପୁର ଗାଁର ଲୋକନାଥ ବେହେରାଙ୍କ ମୃତ୍ୟୁ ଘଟିଛି। ଲୋକନାଥଙ୍କ ସାଙ୍ଗରେ ମଦ ପିଇବାକୁ ଯାଇଥିବା ଜୁର ବେହେରାଙ୍କର ଆଜି ସକାଳେ ମୃତ୍ୟୁ ଘଟିଥିଲା। ଏବେ ମଧ୍ୟ ୧୨ ଜଣ ଏମ୍‌କେସିଜି ମେଡିକାଲ୍‌ରେ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ଭିତରେ ୪ ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ରହିଛି।ଦୁଇ ଦିନ ତଳେ ଟିକିଟି ଜେନାପୁର ଗାଁର ଜୁର ବେହେରା ଓ ଲୋକନାଥ ବେହେରା ସାଙ୍ଗ ହୋଇ ମଦ ପିଇବାକୁ ଯାଇଥିଲେ।





ମଦ ପିଇ ଘରକୁ ଆସିବା ପରେ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଟିକିଟି ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ଉଭୟଙ୍କୁ ଭେଣ୍ଟିଲେଟର ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ଜୁର ବେହେରାଙ୍କ ମୃତ୍ୟୁ ଘଟିଥିଲା। ଆଉ ଅପରାହ୍ନ ୩ଟାରେ ଲୋକନାଥ ବେହେରାଙ୍କ ମୃତ୍ୟୁ ଘଟିଥିଛି। ଏବେ ମଧ୍ୟ କରଦାଲୁଧା ଓ ଜେନାପୁର ଗାଁର ୧୨ ଜଣ ଏମ୍‌କେସିଜିରେ ଭର୍ତ୍ତି ହୋଇଛନ୍ତି।

## ଖୋଲିଲା ପୁରୀ ମର୍ଡର ପେଡି: ୭ ନାବାଳକଙ୍କ ସହ ୯ ଗିରଫ

ଭୁବନେଶ୍ୱର,୨୧।୮(ପି.ଏନ): ଖଜା ଦୋକାନକୁ ନେଇ ପୁରୀରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦା ?ଫାସ କରିଛି ପୁଲିସ୍ ?। ଏହି ଘଟଣାରେ ପୁଲିସ ୯ ଜଣଙ୍କୁ ଗିର?ଫ କରିଛି। ଏମାନଙ୍କ ମଧ୍ୟରେ ୭ ଜଣ ନାବାଳକ ରହିଛନ୍ତି। ଅନ୍ୟତମ ଖଜା ବ୍ୟବସାୟୀ ଦୀନେଶ ଖୁଣ୍ଟିଆ ହତ୍ୟାର ପ୍ରତିଶୋଧ ପାଇଁ ଅଗଷ୍ଟ ୧୯ରେ ହରିହର ସାହୁ ନାମକ ଜଣେ ଦିବ୍ୟାଙ୍ଗଙ୍କୁ ବିଚ୍ ରାସ୍ତାରେ ହତ୍ୟା କରାଯାଇଥିଲା।ପୁଲିସ୍ ହରିହର ସାହୁ ହତ୍ୟା ଘଟଣାରେ ଗିରଫ କରିଥିବା ୯ ଜଣଙ୍କ ମଧ୍ୟରେ ଦୀନେଶ ଖୁଣ୍ଟିଆର ବାପା ଓ ଭାଇ ବି ରହିଛନ୍ତି। ଅଭିଯୁକ୍ତ ବାପ-ପୁଅ ହେଲେ ରାଧା ଗୋବିନ୍ଦ ଲେନର ବିଜୟ ଖୁଣ୍ଟିଆ ଓ ରାକେଶ କୁମାର ଖୁଣ୍ଟିଆ। ଦୀନେଶ ଖୁଣ୍ଟିଆ ହତ୍ୟା ମାମଲାରେ ହରିହର ସାହୁଙ୍କ ପୁଅ ଏବେ



ଜେଲରେ ଅଛନ୍ତି।ପୁରୀ ଏସ୍ ?ପି ପିନାକ ମିଶ୍ରଙ୍କ କହିବା କଥା ଯେ ହରିହର ସାହୁ ହତ୍ୟାକାଣ୍ଡରେ ମୋଟ ୧୧ ଜଣ ସାମିଲ ରହିଛନ୍ତି। ୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ ୨ ଜଣ ଫେରାର ରହିଛନ୍ତି। ଫେରାର ଦୁଇ ଅଭିଯୁକ୍ତ ମଧ୍ୟ ନାବାଳକ। ପାରିବାରିକ ଶତ୍ରୁତା ସହ ଖଜା ବ୍ୟବସାୟକୁ ନେଇ ଦୁଇ ଦୁଇଟି ହତ୍ୟାକାଣ୍ଡ ଘଟିଥିଲା। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଗୋଟେ ଖଣ୍ଡା ,୨ଟି କଟୁରି ଓ ଗୋଟିଏ କାତି ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

## ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ସ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେନ୍ସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

## ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ । ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’ । ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ ।

## ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମ୍ପିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ । ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି । ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

## ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ନିକ ୱେବସାଇଟର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୨୨**

# ଦେବୁ ଦାଙ୍କୁ ଶ୍ରଦ୍ଧାଞ୍ଜଳୀ

**ନାଟ୍ୟସାରଥି ଅଭୟ କୁମାର ଦାସ**

ଓଡ଼ିଆ ସିନେ ଜଗତର ପ୍ରତିଥଯଶା କଳାକାର ଦେବୁ ବୋଷଙ୍କର ଆଜି ହେଉଛି ପରଲୋକ ତିଥି । ଦେବୁ ବୋଷଙ୍କ ପ୍ରକୃତ ନାମ ରଥୀନ୍ଦ୍ରନାଥ ବୋଷ । ୧୯୪୨ ଡିସେମ୍ବର ୨ ତାରିଖରେ କଟକ ଓଡ଼ିଆ ବଜାରରେ ଜନ୍ମ ଗ୍ରହଣ କରିଥିବା ଦେବୁ ଦା ୧୦ ବର୍ଷ ବୟସରୁ ଅଭିନୟ ପ୍ରତି ଆକର୍ଷିତ ହୋଇଥିଲେ । ରାଣା ପ୍ରତାପ ନାଟକରେ ଅଭିନୟ କରିବା ପରେ ତାଙ୍କୁ ମେଡ଼ାଲ ଦେଇ ପୁରସ୍କୃତ କରାଯିବା ପରେ ଅଭିନୟର ମାୟା ଲାଗିଯାଇଥିଲା । ପିଲାଦିନୁ ନୃତ୍ୟ ପ୍ରତି ଆକର୍ଷିତ ହୋଇଥିଲେ । ଆଠ ଭାଇ ଓ ଦୁଇ ଭଉଣୀଙ୍କ ମଧ୍ୟରେ ସେ ଥିଲେ ଅତ୍ୟନ୍ତ କଳାପ୍ରିୟ । ସମ୍ବଲପୁରରେ ଚାକିରି କାଳରେ ସେ 'ମନ ଆକଶ'ରେ ସୁଆଙ୍ଗ ନୃତ୍ୟ କରି ଓଲିଉଡ ଜଗତକୁ ଆସିଥିଲେ । ତେବେ ୧୯୭୮ ମସିହାରେ 'ତପସ୍ୟା' ଚଳଚ୍ଚିତ୍ରରେ ଖଳନାୟକ ଭାବେ ଆରମ୍ଭ ହୋଇଥିଲା ଅଭିନୟ । 'ଗପ ହେଲେ ବି ସତ' ଚଳଚ୍ଚିତ୍ରରେ ହିରୋ ଭୂମିକାରେ ଅଭିନୟ କରିବାକୁ ସୁଯୋଗ ପାଇଥିଲେ । ମାତ୍ର ବାପା ଭୂମିକାରେ ତାଙ୍କର ଅଭିନୟ ପରେ ସେ ହୋଇଯାଇଥିଲେ ଓଲିଉଡର ବାପା । 'ଫୁଲ ଚନ୍ଦନ', 'ସୁନା ଚଢ଼େଇ', 'କି ହେବ ଶୁଆ ପୋଷିଲେ', 'ସମୟ ଖେଳୁଛି ଚକା ଭଉଁରୀ', 'ପୁଅ ମୋର କଳା ଠାକୁର', 'ପୁଅ ମୋର ଭୋଳା ଶଙ୍କର' ଚଳଚ୍ଚିତ୍ରରେ ବାପା ଭୂମିକାରେ ତାଙ୍କର ଜୀବନ୍ତ ଅଭିନୟ ଓ ପ୍ରାଣସ୍ପର୍ଶୀ ସଂଳାପ ଆଜି ବି ଅନେକଙ୍କ ମନରୁ ଲିଭିନାହିଁ । ୩୫ବର୍ଷ ଅଭିନୟ ଜୀବନ କାଳରେ ୧୨୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ସମେତ କିଛି ବିଙ୍ଗଳା ଭାଷା ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ଚଳଚ୍ଚିତ୍ରରେ ନିଭାଉଥିବା ଚରିତ୍ର ଭଳି ତାଙ୍କର ଅତ୍ୟନ୍ତ ମେଳାପି ସ୍ୱଭାବକୁ ନେଇ ଆଜି ଝୁରି ହୋଇଛନ୍ତି ବିଜୟ ମହାନ୍ତି, ମିହିର ଦାସ, ଅଜିତ ଦାସ, ନମ୍ରତା, ପ୍ରଦ୍ୟୁମ୍ନ ଲେଙ୍କା, ଶ୍ରୀମତୀ ଦାସ, ଅନୁ ଚୌଧୁରୀଙ୍କ ଭଳି ସିନେ ଅଭିନେତା । ଇଡ୍‌କଲରୁ ବରିଷ୍ଠ ଅଧିକାରୀ ଭାବେ ଚାକିରିରୁ ଅବସର ନେଇଥିଲେ । ଓଡ଼ିଆ ଚଳଚ୍ଚିତ୍ର ଜଗତରେ ସେ ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । ୧୨୦ରୁ ଅଧିକ ସିନେମାରେ ଦେବୁ ବୋଷ ଅଭିନୟ କରି ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ । ୫୦ରୁ ଅଧିକ ମଞ୍ଚ ନାଟକରେ ବି ସେ ତାଙ୍କର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି । ନିଜର ନିଖୁଣ ଅଭିନୟ ଛାପ ଛାଡ଼ି ସେ ଜଣେ ସଂଭ୍ରାନ୍ତ ବାପା ଭୂମିକାରେ ଦର୍ଶକଙ୍କ ପାଖରେ ସ୍ମରଣୀୟ ହୋଇ ରହିବେ ।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# କାଶ୍ମୀରରେ ନିର୍ବାଚନ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ନିକଟରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ ନେତୃତ୍ୱରେ ୩ଜଣିଆ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ ଟିମ୍ ଗତ ଚାରି ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଜାମ୍ମୁ-କାଶ୍ମୀର ଗସ୍ତ କରି ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରିବା ୯୦ଜଣିଆ ସଦସ୍ୟ ବିଶିଷ୍ଟ କେନ୍ଦ୍ରଶାସିତ ଅଂଚଳର ବିଧାନସଭା ନିର୍ବାଚନ ନେଇ ଏବେ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । କହିବା ବାହୁଲ୍ୟ ଯେ, ଗତ ମାର୍ଚ୍ଚ ମାସରେ ପ୍ରଥମ ଥର ପାଇଁ ନିର୍ବାଚନ କମିଶନ ଟିମ୍ ଜାମ୍ମୁ-କାଶ୍ମୀର ଗସ୍ତ କରିଥିବା ବେଳେ ଦ୍ୱିତୀୟ ଥର ପାଇଁ ନିକଟରେ ରାଜନୈତିକ ଦଳର ପ୍ରତିନିଧି ଓ ସ୍ଥାନୀୟ ନେତାମାନଙ୍କ ସହ ନିର୍ବାଚନ ନେଇ ବିଚାର ବିମର୍ଷ କରିଥିଲେ । ଆସନ୍ତା ସେପ୍ଟେମ୍ବର ୧୮,୨୫ ଏବଂ ଅକ୍ଟୋବର ୧ରେ ଭୋଟ ଗ୍ରହଣ କରାଯାଇ ୪ରେ ଗଣତି କରାଯିବ । ଦୀର୍ଘ ୧୦ବର୍ଷ ପରେ ଏହା ପ୍ରଥମ ନିର୍ବାଚନ । ଉଲ୍ଲେଖଯୋଗ୍ୟ ଯେ, ଜାମ୍ମୁ-କାଶ୍ମୀରରୁ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ମାମଲାର ରାୟ ପ୍ରକାଶ କରିବା ଅବସରରେ ଗତ ଡିସେମ୍ବର ମାସରେ ସୁପ୍ରିମକୋର୍ଟ ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ବିଧାନସଭା ନିର୍ବାଚନ କରିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାମ୍ମୁ-କାଶ୍ମୀରକୁ ରାଜ୍ୟାପହ୍ୟା ପ୍ରଦାନ ପର୍ଯ୍ୟନ୍ତ ବିଧାନସଭା ନିର୍ବାଚନକୁ କଦାପି ସ୍ଥଗିତ ରଖାଯାଇପାରିବ ନାହିଁ । ସୂଚନା ଦିଆଯାଇପାରେ ଯେ, ଶେଷ ଥର ପାଇଁ ୨୦୨୪ରେ ବିଧାନସଭା ନିର୍ବାଚନ ହୋଇଥିଲା । ୨୦୧୯ ଅଗଷ୍ଟ ୫ତାରିଖ ଦିନ କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀରର ବିଭାଜନ କରି ରାଜ୍ୟାପାହ୍ୟା ରଦ୍ଦ କରି ଦୁଇଟି କେନ୍ଦ୍ରଶାସିତ ଅଂଚଳରେ ପରିଣତ କରିବା ସହ ସମ୍ବିଧାନର ସ୍ୱତନ୍ତ୍ର ୩୭୦ ଧାରା ଉଚ୍ଛେଦ କରିବା ସଙ୍ଗେ ସଙ୍ଗେ ବିଧାନସଭାକୁ ଭାଙ୍ଗି ଦେଇଥିଲେ । ସେହିଦିନଠାରୁ ୫ବର୍ଷର ପୁରୁଣା କେନ୍ଦ୍ରଶାସିତ ଅଂଚଳ ଜାମ୍ମୁ-କାଶ୍ମୀର ଉପ-ରାଜ୍ୟପାଳଙ୍କ ଦ୍ୱାରା ଶାସିତ ହୋଇଆସୁଛି । ୨୦୧୪ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ କୌଣସି ଦଳ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିନଥିବାରୁ ପ୍ରଥମ ଥର ପାଇଁ ପିଡିପି ଏବଂ ବିଜେପି ମିଳିତ ସରକାର ଗଠିତ ହୋଇଥିଲା । ୨୦୧୮ରେ ମିଳିତ ସରକାରର ପତନ ଘଟିଥିଲା । ସେହିଦିନ ଠାରୁ ସେଠାରେ କୌଣସି ପ୍ରତିନିଧିତ୍ୱ ମୂଳକ ଶାସନ ବ୍ୟବସ୍ଥା ନଥିବାବେଳେ ୨୦୧୯ରେ କେନ୍ଦ୍ର ସରକାର ରାଜ୍ୟମାନ୍ୟତା ରଦ୍ଦ କରି ଜାମ୍ମୁ-କାଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଂଚଳରେ ପରିଣତ କରିଥିଲେ । ତେବେ ଜାମ୍ମୁ-କାଶ୍ମୀର ପାଇଁ ୯୦ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭା ଥିବାବେଳେ ଲଦାଖର ବିଧାନସଭା ନାହିଁ । ଜଣେ ପ୍ରଶାସନିଙ୍କ ଦ୍ୱାରା ଶାସିତ ହେଉଛି । ଅନ୍ୟପକ୍ଷରେ ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ପରେ କେନ୍ଦ୍ରଶାସିତ ଅଂଚଳରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଆତଙ୍କବାଦୀ କାଶ୍ମୀର ଉପତ୍ୟକା ବଦଳରେ ଏବେ ଜାମ୍ମୁ-ଅଂଚଳକୁ ନିଶାଣ କରିଛନ୍ତି । ଚଳିତ ବର୍ଷ ଆରମ୍ଭରୁ ଆତଙ୍କବାଦୀଙ୍କ ଗୁଳିରେ ବର୍ତ୍ତମାନ ସୁଦ୍ଧା ୪୮ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ୧୨ଜଣ ଯବାନ ସହିଦ ହୋଇଛନ୍ତି । ଆତଙ୍କବାଦୀଙ୍କ ରକ୍ତର ହୋରି ସତ୍ତ୍ୱେ ଚଳିତ ବର୍ଷ ଏପ୍ରିଲ-ମେ'ରେ ହୋଇଥିବା ସାଧାରଣ (ଲୋକସଭା) ନିର୍ବାଚନରେ ଭୋଟଦାତା ପରମ୍ପରାଗତ ଭୋଟ ବର୍ଜନ ପନ୍ଥା ପରିହାର କରି ଯେଉଁଭଳି ବିପୁଳ ସଂଖ୍ୟାରେ ମତଦାନ କରିବାକୁ ଆଗେଇ ଆସିଥିଲେ, ସେଥିରୁ ବୁଲେଟକୁ ସେମାନେ ହେୟ ଜ୍ଞାନ କରିଥିବା ସ୍ପଷ୍ଟ ସଂକେତ ପ୍ରଦାନ କରୁଛି । ନିର୍ବାଚନ କମିଶନରଙ୍କ ଠାରୁ ମିଳିଥିବା ତଥ୍ୟ ଅନୁସାରେ କେନ୍ଦ୍ରଶାସିତ ଅଂଚଳର ୫ଟି ଲୋକସଭା ଆସନରେ ୫୮ ପ୍ରତିଶତରୁ ଅଧିକ ଭୋଟଦାତା ମତ ସାବ୍ୟସ୍ତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ୧୯୯୦ ପରଠାରୁ ଜାମ୍ମୁ-କାଶ୍ମୀରରେ ମତଦାନ ହାର କେବେହେଲେ ୪୦ ପ୍ରତିଶତ ଅତିକ୍ରମ କରିନଥିଲେ । କେନ୍ଦ୍ରଶାସିତ ଅଂଚଳର ଭୋଟଦାତା ଯେ, ପ୍ରତିନିଧିମୂଳକ ଶାସନ ଏବଂ ଏକ ନିର୍ବାଚନ ସରକାର ଗଠନ ସପକ୍ଷରେ ଥିବା ଏହି ଭୋଟହାର ସନ୍ଦେଶ ଦିଏ । ଏହା ନିସନ୍ଦେହ ଯେ, କେନ୍ଦ୍ରଶାସିତ ଅଂଚଳରେ ଏବେ ବେକାରୀ, ବେରୋଜଗାରୀ ବୃଦ୍ଧି ପାଉଥିବାବେଳେ ଜନସାଧାରଣ ଘୋର ପାନୀୟ ଜଳ ସଂକଟର ମସ୍ମୁଖୀନ ହୋଇଆସୁଛନ୍ତି । ଏଥିସହ ସ୍ୱାସ୍ଥ୍ୟ ସେବା ମଧ୍ୟ ଅତ୍ୟନ୍ତ ବିପର୍ଯ୍ୟନ୍ତ ହୋଇପଡିଛି । କେନ୍ଦ୍ରଶାସିତ ଅଂଚଳର ଜନସାଧାରଣ ସମ୍ମୁଖୀନ ହୋଇଥିବା ସମସ୍ୟାର ତୁରନ୍ତ ସମାଧାନ ଲାଗି ସେଠାରେ ନିର୍ବାଚିତ ସରକାର ଗଠନ ଜରୁରୀ ହୋଇପଡିଛି । ବିଧାନସଭା ନିର୍ବାଚନ ପରେ ଜାମ୍ମୁ-କାଶ୍ମୀରକୁ ରାଜ୍ୟ ମର୍ଯ୍ୟଦା ପ୍ରଦାନ ପାଇଁ କେନ୍ଦ୍ର ସରକାର ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ଆଶା କରାଯାଏ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା



ଡକ୍ଟର ତପନ କୁମାର ପାଳ

ଭଗବାନ ଶ୍ରୀକୃଷ୍ଣ ଲୀଳାମୟ । ସେ ଦ୍ୱାପର ଯୁଗରେ ନର ଦେହ ଧାରଣ କରି ମଥୁରାର କଂସର ବନ୍ଦୀଶାଳରେ ଜନ୍ମ ଗ୍ରହଣ କରିଥିଲେ । ଯୁଗେ ଯୁଗେ ଭଗବାନ ଅନ୍ୟାୟ, ଅତ୍ୟାଚାର ବିଲୋପ ସାଧନ କରି, ଦୁଷ୍ଟମାନଙ୍କୁ ନିଧନ କରି ଧର୍ମର ପ୍ରତିଷ୍ଠା କରିବା ପାଇଁ ଆବର୍ତ୍ତନ ହୋଇଥାନ୍ତି । ଶ୍ରୀକୃଷ୍ଣଙ୍କୁ ସମଗ୍ର ମାନବ ସମାଜ ବୁଝିପାରୁନଥିଲେ ଯେ ସେ କେତେ କ୍ଷମତାଶାଳୀ, ଗୁଣବନ୍ତା, ସ୍ୱୟଂକର୍ତ୍ତା । ସେ ପୁଣି ଏତେ ଚପଳ, ଏତେ ସରଳ, ଏତେ ବିପୁଳ ଯାହାକୁ ଭେଦ କରିବାକୁ ସାହାସ କାହାର ନାହିଁ ।

ସେ ଯେ ଅର୍ନ୍ତଜ୍ୟାମୀ, ସମସ୍ତଙ୍କର ଅନ୍ତରର କଥା ବା ବେଦନା ଜାଣନ୍ତି । ସେ ଭକ୍ତର ଭାବକୁ ଗ୍ରହଣ କରି ଯେପରି ଭାବଗ୍ରାହୀ ବୋଲାନ୍ତି । ଅଶରଣ ଜନଙ୍କୁ ଶରଣଦେଇ ସେହିପରି ନାମ କହିଛନ୍ତି ଶରଣରକ୍ଷଣ ମହାବାହୁ । ଦୁଃଖିର ଦୁଃଖ ନାସନ କରି ତାକୁ ଇହ ଓ ପରକାଳରେ ସୁଖି କରିଥାନ୍ତି । ଭକ୍ତଜନମାନେ ଦୁଃଖ ଯାଜନାରେ ପଡ଼ି ଯିଏ ଆତୁର ଭାବେ ବା କାକୁସ୍ତଭରା ହୋଇ ଡାକିଛି ବା ଶରଣ ପଶିଛି, ତାର ଦୁଃଖ ଗୁହାରୀ ଶୁଣନ୍ତି, ଗୁହାରି ଶୁଣିବାରେ କେବେହେଲେ ବିମୁଖ ହୋଇନାହାନ୍ତି । ଏପରିକି କୁରୁ-ପାଣ୍ଡବଙ୍କ ଭାତୃବିବାଦରେ ପାଣ୍ଡବମାନଙ୍କର ସପକ୍ଷରେ ରହି ଧର୍ମରାଜ ଯୁଧିଷ୍ଠିରଙ୍କର ସ୍ନେହୀ ତଥା ଅତିପ୍ରିୟଭାଜନ ହୋଇ ଦୁର୍ଯ୍ୟୋଧନର ଶହେ ଭାଇଙ୍କୁ କୁଟ କରି ବିନାଶ କରି ଧର୍ମସଂସ୍ଥାପନ କରିଥିଲେ । ଏହାର ପ୍ରମାଣମାନ ଯୁଗେ ଯୁଗେ ସ୍ୱୀକୃତି ଲାଭ କରି ଆସିଛି ଧର୍ମଶାସ୍ତ୍ରରେ ମଧ୍ୟ ଲିପିବଦ୍ଧ ହୋଇଛି ।

ଦୁର୍ଯ୍ୟୋଧନର କୁରୁସଭାରେ ଯେତେବେଳେ ଦୁଃଶାସନ ସତୀ ଦୌପଦୀଙ୍କୁ ବିବସନ କଲାବେଳେ ସେତେବେଳେ ଦୃପଦନନ୍ଦିନୀ ସଖା ଶ୍ରୀକୃଷ୍ଣଙ୍କୁ ନାରୀର ମାନମହତ୍ତ୍ୱ ରକ୍ଷା କରିବା ପାଇଁ ଆକୁଳ ନିବେଦନ କରିଥିଲେ ସେତେବେଳେ ପ୍ରଭୁ ଶ୍ରୀକୃଷ୍ଣ ଦୌପଦୀଙ୍କୁ ପଞ୍ଚାବନ କୋଟି ବସ୍ତ୍ର ଦେଇ ତାଙ୍କର ଲଜ୍ଜା ନିବାରଣ କରିଥିଲେ । ମହାଭାରତ ଯୁଦ୍ଧ ଚାଲିଥାଏ, ବୀର ଅର୍ଜ୍ଜୁନଙ୍କର ରଥର ସାରଥି ଶ୍ରୀକୃଷ୍ଣ । ଘମାଘୋଟ ଯୁଦ୍ଧରେ ହଠାତ୍ ଅର୍ଜ୍ଜୁନଙ୍କର ବାଣରେ କର୍ଣ୍ଣଙ୍କର ରଥ କେତେ କୋଶବାଟ ପଛକୁ ଘୁଞ୍ଚିଗଲା କର୍ଣ୍ଣ-ଅର୍ଜ୍ଜୁନ ଯୁଦ୍ଧରେ ଏକୁଆରେକ ବଳିଆର । ଏଥର କର୍ଣ୍ଣଙ୍କ ପକ୍ଷରୁ ଗର୍ଜନ କରି ତୀବ୍ରବାଣ ପ୍ରୟୋଗ ହେଲା । କର୍ଣ୍ଣ ଓ ଅର୍ଜ୍ଜୁନଙ୍କର ଏହି ପ୍ରତ୍ୟାକ୍ରମଣ କ୍ଷମତାକୁ ଦୁର୍ବଳ ମନେକରି ଉପହାସ ଆରମ୍ଭ କରିବା ପୂର୍ବରୁ ତାଙ୍କ ରଥର ସାରଥି ସ୍ୱୟଂ ଶ୍ରୀକୃଷ୍ଣ କହିଲେ ବାସ୍ତବିକ କର୍ଣ୍ଣ ହିଁ ପ୍ରକୃତ ବୀର ପୁରୁଷ । ସେ ରଥକୁ ସାତ ପାହୁଣ୍ଡ ଘୁଞ୍ଚାଇ ଦେଲେ । କିନ୍ତୁ ଅର୍ଜ୍ଜୁନ ଏକଥା ବୁଝିପାରିଲେ ନାହିଁ, ସଂଶୟ ମୋଚନ ପାଇଁ ସେ ଶ୍ରୀକୃଷ୍ଣଙ୍କୁ ପଚାରିଲେ 'ସଖା – ବାସୁଦେବ ଆପଣଙ୍କ ମୁହଁରେ ଏପରି ପକ୍ଷପାତିତା କାହିଁକି ? ମୋ ପ୍ରେରିତ ବାଣରେ କର୍ଣ୍ଣର ରଥ ସାତକୋଶ ଦୂରକୁ ଘଞ୍ଚିଯିବା ବଡ଼ କଥା ହେଲାନାହିଁ । ଅଥଚ କର୍ଣ୍ଣର ବାଣରେ ମୋ ରଥ ସାତ ପାହୁଣ୍ଡ ଘୁଞ୍ଚିଯାଇଥିବା ଲାଗି କର୍ଣ୍ଣ ହେଲା ମହାବୀର, ଆଉ ପ୍ରବଳ ପରାକ୍ରମୀ ? ଆପଣ ବାର ବାର କର୍ଣ୍ଣର ପ୍ରଶଂସା ମୋ ଆଗରେ କରି ମତେ ଲଜ୍ଜ୍ୟା ଓ ଅପମାନିତ କରୁଛନ୍ତି କାହିଁକି ?

ମାୟାଧର ଶ୍ରୀକୃଷ୍ଣ ସ୍ମିତହାସ୍ୟ ବଦନରେ ଅର୍ଜ୍ଜୁନଙ୍କୁ ଉତ୍ତର ଦେଲେ – ହେ ପାର୍ଥ ତୁମ ରଥରେ ତୁମେ କେବଳ ଏକା ନୁହଁ ତୁମ ସହିତ ରହିଛନ୍ତି ମହାବୀର ହନୁମାନ ଏବଂ ମୁଁ ବାସୁଦେବ ଶ୍ରୀକୃଷ୍ଣ । ଏକଥା ଅକାଟ୍ୟ ସତ୍ୟ ଏହାକି ଆମେ ଦୁହେଁ ନଥିଲେ ତୁମ ରଥର ଅସ୍ତିତ୍ୱ ନଥାନ୍ତା । ବରଂ ଆମେ ଦୁହେଁ ରଥରେ ଥାଇ ମଧ୍ୟ ଯିଏ ଏହି ରଥକୁ ସାତ ପାହୁଣ୍ଡ ଘୁଞ୍ଚାଇ ଦେଇପାରିଛି ସେ କମ୍‌ବୀର ନୁହେଁ । ଏକଥାକୁ ବିଚାରକୁ ନେଇ ଜାଣିରଖ ଆମକୁ ବିନ୍ଦୁ ମାତ୍ର ଚହଲାଇ ଦେବା ପାଇଁ ଏ ସଂସାରରେ କେଉଁ ପୁଅ ଜନ୍ମ ହୋଇନାହିଁ । ସାତପାହୁଣ୍ଡ କିଛି କମ୍ ଦୂରତ୍ୱ ନୁହେଁ । ମହାବୀର ନ ହେଲେ କେହି ଏତେ ବଡ଼ ଶକ୍ତିଶାଳୀ ବାସୁଦେବ ଓ ମହାବୀର ହନୁମାନ ବିରାଜିତ ରଥକୁ ସାମାନ୍ୟ ଘୁଞ୍ଚାଇବା ଅତ୍ୟନ୍ତ କଷ୍ଟସାଧ । ଏକଥା ଶୁଣିବା ପରେ ଅର୍ଜ୍ଜୁନଙ୍କ ମନରେ ଯେପରି କାଳିମା ଘେରିଗଲା ଏବଂ ସେ ନିଜକୁ ଶକ୍ତିହୀନ ମନେକଲେ । ସେ ବୁଝିପାରିଲେ ଯେ, ଯାହା ସବୁ ଘଟିଯାଇଛି ତାହାର ନାୟକ ହେଉଛନ୍ତି ସ୍ୱୟଂ ଶ୍ରୀକୃଷ୍ଣ । ମହାଭାରତ ଯୁଦ୍ଧର ଶେଷଦିନ ଅର୍ଜ୍ଜୁନଙ୍କୁ ବହୁତ ପ୍ରଭାପବିତ କଲା । ପ୍ରତିଦିନ ଯୁଦ୍ଧ ଶେଷରେ ଯେତେବେଳେ ସେ ଶିବିରକୁ ଲେଉଟି ଆସନ୍ତି ରଥରୁ ପ୍ରଥମେ ଅବତାରଣ କରନ୍ତି ସାରଥି ଶ୍ରୀକୃଷ୍ଣ । ସାରଥିର ଧର୍ମାନୁସାରେ ସେ ଅର୍ଜ୍ଜୁନଙ୍କୁ ରଥରୁ ଓହ୍ଲାଇ ଆଣନ୍ତି । ଶେଷଦିନର ଯୁଦ୍ଧ । ସେ ଦିନ ଶ୍ରୀକୃଷ୍ଣ କହିଲେ 'ଅର୍ଜ୍ଜୁନ, ତୁମେ ପ୍ରଥମେ ରଥରୁ ଓହ୍ଲାଇ କିଛିବାଟ ଦୂରକୁ ଚାଲିଯାଅ । ଅର୍ଜ୍ଜୁନ ରଥରୁ ଓହ୍ଲାଇ କିଛିବାଟ ଚାଲିଗଲା ପରେ ଭଗବାନ ଶ୍ରୀକୃଷ୍ଣ ରଥରୁ ଓହ୍ଲାଇଲେ । ବାସୁଦେବ ରଥରୁ ଅବତରଣ କରିବା ମାତ୍ରେ ଘୋଡ଼ାମାନଙ୍କ ସହିତ ରଥଟି ଜଳି ଭସ୍ମୀଭୂତ ହୋଇଗଲା । ଏହା ଦେଖି ଅର୍ଜ୍ଜୁନ ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ରୀକୃଷ୍ଣ ବୁଝାଇ କହିଲେ, ଆଶ୍ଚର୍ଯ୍ୟ ହୁଅନାହିଁ ସଖା । ତୁମ ରଥ କେତେଦିନ ପୂର୍ବରୁ ଭସ୍ମୀଭୂତ ହୋଇସାରିଛି । ମହାରଥୀ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ, କର୍ଣ୍ଣ ଏମାନଙ୍କ ବାଣର ଶକ୍ତିରେ ଏହା କେତେ ଦିନରୁ ନଷ୍ଟ ହୋଇସାରିଛି । ସ୍ରଷ୍ଟାଙ୍କ ସଂକଳ୍ପ ଏହି ରଥକୁ ଯୁଦ୍ଧର ଶେଷ ପର୍ଯ୍ୟନ୍ତ ବଞ୍ଚାଇ ରଖିପାରିଥିଲା । ଅର୍ଜ୍ଜୁନ ଏଥର ଦୁଇ ହାତଯୋଡ଼ି କହିଲେ ଭଗବାନ ହିଁ ସବୁକିଛି, ସେ ନିମିତ୍ତ ମାତ୍ର । ଯୁଗଜନ୍ମା ଶ୍ରୀକୃଷ୍ଣଙ୍କର ଜନ୍ମ ଭାଦ୍ରବମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ହୋଇଥିଲା, ଯାହାକି ଜନ୍ମାଷ୍ଟମୀ ନାମରେ ନାମିତ ।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,*
*ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୭୩୩*

# ବରିଷ୍ଠ ନାଗରିକ : ସମାଜର ଅମୂଲ୍ୟ ସମ୍ପତ୍ତି

ବୟସର ଅପରାହ୍ନରେ ପହଞ୍ଚିବା ପରେ ସେମାନେ ଅଲୋଡ଼ା ହୋଇ ପଡ଼ିଥାନ୍ତି । ଅନେକଙ୍କ ମତରେ ବୟସର ଭାରରେ ନଇଁ ପଡ଼ିଥିବା ଅପାରଣ ବ୍ୟକ୍ତି ବରିଷ୍ଠ ନାଗରିକ ଭାବେ ଗଣ୍ୟ । କେବଳ ପରିବାର ନୁହେଁ ସମାଜରେ ମଧ୍ୟ ଏମାନେ ଏକ ପ୍ରକାର ଅଦରକାରୀ ଅଙ୍ଗ ଭାବେ ବିବେଚିତ ହୋଇଥାନ୍ତି । ଏଭଳି ଚିନ୍ତାଧାରା ବରିଷ୍ଠ ନାଗରିକମାନଙ୍କ ପ୍ରତି ଦିନକୁ ଦିନ ବଢୁଥିବା ଅତ୍ୟାଚାରର ଅନ୍ୟତମ ପ୍ରଧାନ କାରଣ । ଲୋକମାନଙ୍କ ମନରୁ ଏସବୁ ଚିନ୍ତାଧାରାକୁ ଦୂର କରିବା ତଥା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ଏବେ ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି । ସେମାନଙ୍କ ପ୍ରତି ଯତ୍ନଶୀଳ ହେବା ଏବଂ ଏହି ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୧ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ । ବରିଷ୍ଠ ନାଗରିକମାନେ କିଛି ନହେଲେ ବି ବୟସ ଦୃଷ୍ଟିରୁ ଅନୁଭବି ଅଟନ୍ତି । ଅନୁଭବର ବହୁତ ମୂଲ୍ୟ ଅଛି ତେଣୁ ସେମାନଙ୍କର ଆବଶ୍ୟକତା ସମାଜ ପାଇଁ ସବୁବେଳେ ରହିଛି । କିନ୍ତୁ ବେଳେବେଳେ କେତେକ ପରିବାରରେ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଅଣଦେଖା କରାଯାଉଥିବା, ନିର୍ଯାତନା ଦିଆଯାଉଥିବା ଦେଖିବାକୁ ମିଳୁଛି । ଗୋଟିଏ କାହାଣୀ ମନେ ପଡୁଛି । ତାର ସାରାଂଶ ହେଉଛି – ଜଣେ ରାଜାଙ୍କ ଦେହାନ୍ତ ହୋଇଯିବାରୁ ତାଙ୍କ ଯୁବକ ପୁତ୍ର ଅଧିକାର ସୂତ୍ରରେ ସିଂହାସନ ଆରୋହଣ କଲେ । ତାଙ୍କ ଭିତରେ ଏକ ଧାରଣା ବଳବତ୍ତର ଥିଲା ବୃଦ୍ଧ ବ୍ୟକ୍ତିମାନେ ସମାଜ ପାଇ ଅଦରକାରୀ । ଏମାନେ ବସି ବସି କେବଳ ଅନ୍ନ ଧ୍ୱଂସ କରୁଛନ୍ତି । ଏମାନେ ସମାଜ ପାଇଁ ବହୁତ ବଡ଼ ବୋଝ । ଯଦି ଏମାନଙ୍କୁ ମାରି ଦିଆଯାଆନ୍ତା ତେବେ ସମାଜ ଏକ ବଡ଼ ବିପଦରୁ ରକ୍ଷା ପାଇ ଯାଆନ୍ତା । ସେ ଘୋଷଣା କଲେ ଦେଶର ସବୁ ବୃଦ୍ଧ ବ୍ୟକ୍ତିଙ୍କୁ ମାରିଦିଆଯାଉ । ବହୁତ ଚିନ୍ତାଶୀଳ ବ୍ୟକ୍ତି ଏହି ଆଦେଶରେ ଚିନ୍ତିତ ହୋଇ ପଡ଼ିଲେ । ଯେଉଁ ପିଲମାନେ ପିତା ମାତାଙ୍କ ପ୍ରତି ବିତସ୍ପୃହ ଥିଲେ ସେମାନେ ଖୁସି ହେଲେ । ସବୁଲୋକ ଘରର ବରିଷ୍ଠ ବ୍ୟକ୍ତି ମାନଙ୍କୁ ମାରିଦେଲେ । ଦେଶରେ ଜଣେ ପିତୃମାତୃ ଭକ୍ତ ଥିଲେ । ସେ କିନ୍ତୁ ତାଙ୍କୁ ନମାରି ଘରର ଅମାରରେ ଲୁଚାଇ ରଖିଦେଲେ । ସେହି ରାଜ୍ୟରେ ଲଗାତର ମରୁଡ଼ି ପଡ଼ିଲା । ଲୋକ ଯାହା ଯାହା ବିହନ ରଖିଥିଲେ ପର ବର୍ଷ ପାଇଁ ପେଟ ବିକଳରେ ସେ ସବୁକୁ ଖାଇ ଦେଲେ । ଆଗାମୀ ବର୍ଷ ଆଉ ଚାଷ ହୋଇ ପାରିଲା ନାହିଁ । ଦେଶରେ ହା ହା କାର ପଡ଼ିଗଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ସମସ୍ତଙ୍କ ଜମି ପଡ଼ିଆ ପଡ଼ିଥିବା ବେଳେ ସେହି ପିତୃମାତୃ ଭକ୍ତଙ୍କ କ୍ଷେତ ସୁନା ଫସଲରେ ହସି ଉଠିଲା । ରାଜାଙ୍କ ପାଖରେ ଏହି ଖବର ପହଞ୍ଚିଲା । ରାଜା ପଚାରିଲେ ତୁମେ ଦୁଇବର୍ଷର ମରୁଡ଼ି ପରେ ଚାଷ ପାଇଁ ବିହନ କେଉଁଠୁ ପାଇଲ ? ଚାଷୀଟି ବିଚରା ଡରିମରି କହିଲା ମହାରାଜ ଯଦି ଆମ ମୁଣ୍ଡ ରଖିବେ ତେବେ ମୁଁ ଏହାର କାରଣ କହିବି । ରାଜା ଅଭୟ ପ୍ରଦାନ କରି କହିଲେ କୁହ । ସେ କହିଲେ ମୋ ବାପାଙ୍କ ବୁଦ୍ଧି ଓ ମାର୍ଗ ଦର୍ଶନରେ ମୁଁ ଏ ସୁନା ଫସଲ ଉପୁଜାଇ ପାରିଛି । ସେ କହିଲେ ଆପଣଙ୍କ ଆଦେଶ ସତ୍ତ୍ୱେ ମଧ୍ୟ ମୁଁ ମୋ ବାପାମାଙ୍କୁ ହତ୍ୟା ନକରି ଲୁଚାଇ ରଖିଥିଲ । ମରୁଡ଼ି ପରେ ଚାଷ କିପରି ହେବ, ବିହନ କେଉଁଠୁ ଆସିବ, ଏ ଚିନ୍ତାରେ ବ୍ୟସ୍ତ ଥିବା ଦେଖି ବାପା ମୋତେ କହିଲେ – ତୁ ବ୍ୟସ୍ତ ହୁଅନା । ବର୍ଷା ପୂର୍ବରୁ ଜମିସବୁ ହଳ କରିଦେ । ଦେଖିବୁ ଜନ୍ଦା ପିମ୍ପୁଡ଼ିଙ୍କ ଗାତରେ ସଞ୍ଚିତ ଶଷ୍ୟ ବର୍ଷା ପାଣିରେ ପାଇଲେ ଅଙ୍କୁରିତ ହୋଇ ଫଳ ଦାନ କରିବ । ରାଜା ନିଜର ଭୁଲ ବୁଝିପାରି ଅନୁତାପ କଲେ ଏବଂ ବୃଦ୍ଧ ପିତାମାତାଙ୍କୁ ସମ୍ମାନେ ଆଣି ନିଜର ଉପଦେଷ୍ଟା ଓ ମାର୍ଗ ଦର୍ଶକ ଭାବେ ନିଯୁକ୍ତ କଲେ । ବରିଷ୍ଠ ନାଗରିକଙ୍କର ବୟସର ଅନୁଭବ ଆମ ସମସ୍ତଙ୍କ ପାଇଁ ଶିକ୍ଷଣୀୟ । ଏବେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ତଥା ସେମାନଙ୍କୁ ସମ୍ମାନ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୨୧ ତାରିଖକୁ ବରିଷ୍ଠ ନାଗରିକ ଦିବସ ଭାବେ ପାଳନ କରାଯାଉଛି । ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରେଗାନ ୧୯୮୮ ମସିହାରେ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକ ଦିବସ ପାଳନ ଆରମ୍ଭ କରିଥିଲେ । ଦେଶର ସମୁଦାୟ ଜନସଂଖ୍ୟାର ୭୦ ପ୍ରତିଶତ ହେଉଛନ୍ତି ବରିଷ୍ଠ ନାଗରିକ । ଏଣୁ ସେମାନଙ୍କ ଆବଶ୍ୟକତା ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ମଧ୍ୟ ଆବଶ୍ୟକ । ପରିବାରକୁ ଉଚିତ ପରାମର୍ଶ ପ୍ରଦାନ କରିବାରେ ବରିଷ୍ଠ ନାଗରିକଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ସମାଜକୁ ସଠିକ ମାର୍ଗଦର୍ଶନ ଦେବାରେ ମଧ୍ୟ ସେମାନଙ୍କ ଭୂମିକା ସେତିକି ମହତ୍ତ୍ୱପୂର୍ଣ୍ଣ । ଆମ ଶାସ୍ତ୍ର ପୁରାଣରେ ବୟସ୍କ ବ୍ୟକ୍ତି ମାନଙ୍କୁ ଦେବତାର ସମ୍ମାନ ପ୍ରଦାନ କରାଯାଇଛି । ମାତା ପିତା ହେଉଛନ୍ତି ସାକ୍ଷାତ ଦେବତା । ବରିଷ୍ଠ ନାଗରିକଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ଆମେରିକା ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା । ତେବେ ଆଜିକାଲି ପିଲାମାନେ ପିତାମାତାଙ୍କୁ ବୋଝ ସଦୃଶ ମନେ କରି ବୃଦ୍ଧାଶ୍ରମରେ ଛାଡୁଥିବା ଖବର ସାମ୍ନାକୁ ଆସୁଛି । ଯେଉଁ ସମୟରେ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ଉଚିତ, ସେବା କରିବା ଉଚିତ ସେହି ସମୟରେ ସନ୍ତାନମାନେ ସେମାନଙ୍କୁ ଅଣଦେଖା କରୁଛନ୍ତି । ଫଳରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ଦେବା ହେଉଛି ଏହି ଦିବସର ତାତ୍ପର୍ଯ୍ୟ । ବାସ୍ତବରେ କେବଳ ଘର ପରିବାର ପାଇଁ ନୁହେଁ ସମାଜ ପାଇଁ ମୂଲ୍ୟବାନ ଓ ଅମୂଲ୍ୟ ସମ୍ପତ୍ତି ହେଉଛନ୍ତି ବରିଷ୍ଠ ନାଗରିକମାନେ । ସେମାନେ ତାଙ୍କ ଜୀବନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଅଭିଜ୍ଞତା ଓ ଜୀବନର ଯେଉଁ ଉପଲବ୍ଧି ହାସଲ କରିଥାନ୍ତି ତାହାକୁ ପରବର୍ତ୍ତୀ ପିଢ଼ି ଜ୍ଞାନଭାବେ ଅର୍ଜନ କଲେ ନିଜର ପ୍ରଭୂତ ଉନ୍ନତି ସହ ପରିବାର ଓ ସମାଜର ମଙ୍ଗଳ ସାଧନ ହେବ ।

*ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି,*
*ସେକ୍ଟର-୧୦, ସିଡିଏ, କଟକ*

# ହରିବଂଶ ପୁରାଣ : ଶ୍ରୀବିଷ୍ଣୁଙ୍କ ଅଂଶ ରାଜା ପୃଥୁଙ୍କ କଥା

## *''ପୁରାଣ ଅଟେ ଅଷ୍ଟାଦଶ, ତାଙ୍କଠୁ ଶ୍ରେଷ୍ଠ ହରିବଂଶ.....''*



ବିପିନ ବିହାରୀ ରାଉତ

'ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ । ଦେବୀଂ ସରସ୍ୱତୀ ବ୍ୟାସଂ ତତୋଜୟ ମୁଦୀରୟେତ୍ ।। ମୁକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିମ୍ । ଯତ୍ କୃପା ତମହଂବନ୍ଦେ ପରମାନନ୍ଦ ମାଧବ ।। ବ୍ୟାସାୟ ବିଷ୍ଣୁରୂପାୟ ବ୍ୟାସ ରୂପାୟ ବିଷ୍ଣବେ । ନମୋ ବୈଃ ବ୍ରହ୍ମବେଧାୟ ବିଶିଷ୍ଟାୟ ନମୋନମଃ ।।' – ହରିବଂଶ ମହାପୁରାଣର ଏହି ପବିତ୍ର ପଂକ୍ତି ଆମ ଆଧ୍ୟାତ୍ମିକ ଜୀବନକୁ ଦିବ୍ୟମୟ କରିଥାଏ । ହରିବଂଶ ଗ୍ରନ୍ଥର ବିଭିନ୍ନ ପର୍ବ ରହିଛି ଯେପରି ହରିବଂଶ ପର୍ବ ଯେଉଁଥିରେ ସମୁଦାୟ ବାରଟି ଅଧ୍ୟାୟ ଭିତରେ ଆଦିସୃଷ୍ଟିର ବର୍ଣ୍ଣନା, ଯଦୁବଂଶ, ଯୁଗବାଦ ଓ ପ୍ରଳୟର ବର୍ଣ୍ଣନା ସହ ଭଗବାନଙ୍କର ଅବତାର ପ୍ରସଙ୍ଗ ଏକ ଅଧ୍ୟାୟରେ ରହିଛି । ସେହିପରି କଂସର ଦିଗ୍‌ବିଜୟ ଠାରୁ ଗୋଲକଧାମରେ ପ୍ରବେଶ ପର୍ଯ୍ୟନ୍ତ ଏହି ଅଧ୍ୟାୟରେ ବର୍ଣ୍ଣିତ । ସେହିପରି ବିଷ୍ଣୁ ପର୍ବରେ ଅଣଚାଶଟି ଅଧ୍ୟାୟ ଭିତରେ ଦେବକୀଙ୍କ ପୁତ୍ର ଜନ୍ମ, ବଳଦେବ ଜନ୍ମ, ଯୋଗମାୟାଙ୍କ ଆବିର୍ଭାବ, ଗୋବର୍ଦ୍ଧନ ଗିରିର ଉତ୍ପତ୍ତି, କାଳୀୟଦଳନ, ରାସଲୀଳା, ଧନୁଯାତ୍ରାର ଆୟୋଜନ, ମଥୁରା ବିଜୟ ଓ ଶ୍ରୀକୃଷ୍ଣଙ୍କ ମଥୁରା ପ୍ରତ୍ୟାବର୍ତ୍ତନ ପରି ଷଡ଼ତ୍ରିଂଶ ଅଧ୍ୟାୟ ରହିଛି । ସେହିପରି ଭବିଷ୍ୟ ପର୍ବର ତ୍ରୟୋଦଶ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ଦ୍ୱାରକା ଗମନ, ବଳଦେବ ଓ ରେବତୀଙ୍କ ବିବାହ, ସୁଭଦ୍ରାଙ୍କ ଜନ୍ମ ଓ ପରିଣୟ, ଯଦୁବଂଶ ଧ୍ୱଂସ ଓ କଳି ଯୁଗର ପ୍ରବୃତ୍ତି ଓ ଜୀବମୁକ୍ତି ଉପାୟ ପରି ତେରଟି ଅଧ୍ୟାୟ ରହିଛି । ଭଗବାନଙ୍କର ଅବତାର ପ୍ରସଙ୍ଗରେ ଉଲ୍ଲେଖ ରହିଛି 'ସେ ପ୍ରଭୁ ସ୍ୱୟଂ ଭଗବାନ, ରସସାଗର ଶ୍ୟାମାବର୍ଣ୍ଣ । ସେ ପୃଥିବୀରେ ଯଜ୍ଞ ଆୟୋଜନ ଉପରେ ନିଷେଧାଜ୍ଞା ଜାରି କଲେ । ସେ ଆଦେଶ ଦେଇ କହିଲେ, ବିଷ୍ଣୁଙ୍କୁ କାହିଁକି ପୂଜା କରୁଛ, ମୁଁ ବିଷ୍ଣୁଙ୍କ ଠାରୁ ଆହୁରି ଶକ୍ତିଶାଳୀ । ଋଷିଗଣ ପଥଭ୍ରଷ୍ଟ ରାଜାଙ୍କୁ ବାଟକୁ ଆଣିବା ଲାଗି ଚେଷ୍ଟା କଲେ, ମାତ୍ର କିଛି ଫଳ ହେଲା ନାହିଁ । ବେନ କାହା କଥା ଶୁଣିବା ଲାଗି ପ୍ରସ୍ତୁତ ହେଲେନାହିଁ । ଏହାପରେ ଋଷିଗଣ ଚିନ୍ତା କଲେ ଯେ ବେନଙ୍କ ମୃତ୍ୟୁ ନହେବା ପର୍ଯ୍ୟନ୍ତ ସଂସାରରେ ଅନ୍ୟାୟ ଅତ୍ୟାଚାର ରୋକିବା ସମ୍ଭବପର ହେବନାହିଁ । ବେନଙ୍କ ମୃତ୍ୟୁ ହିଁ ଏକମାତ୍ର ଉପାୟ । ତେଣୁ ସେମାନେ ମନ୍ତ୍ରଶକ୍ତି ମାଧ୍ୟମରେ ବେନଙ୍କୁ ବଧ କଲେ । ଏବେ ସମସ୍ୟା ଉପୁଜିଲା ଯେ ବେନଙ୍କ ରାଜ୍ୟର ଶାସନଭାର କିଏ ସମ୍ଭାଳିବ । କାରଣ ବେନଙ୍କର କୌଣସି ସନ୍ତାନ ନଥିଲେ । ତେଣୁ ଋଷିଗଣ ବେନଙ୍କ ଜଙ୍ଘକୁ ଖୁବ୍ ଜୋରରେ ଘର୍ଷଣ କରିବାକୁ ଲାଗିଲେ । ଏହାପରେ ସେଥିରୁ ଛୋଟ ଖୁଣ୍ଟ ଭଳି ଜଣେ ବାମନ ସୃଷ୍ଟି ହେଲେ । ମୁଁ ଏବେ କ'ଣ କରିବି ? ସେହି ବାମନ ପଚାରିଲା । ବସ ! ଋଷିଗଣ ଆଜ୍ଞା ଦେଲେ ବସିବାରୁ ସେହି ବାମନର ନାମକରଣ ନିଶାଦ ହେଲା । ଏହାପରେ ନିଶାଦ ବିନ୍ଧ୍ୟ ପାର୍ବତ୍ୟାଞ୍ଚଳରେ ରହିବାକୁ ଲାଗିଲେ । ମୃତ୍ୟୁପରେ ମଧ୍ୟ ପୁତ୍ର ପ୍ରାପ୍ତି କରିବା ହେତୁ ବେନଙ୍କୁ ନର୍କଗାମୀ ହେବାକୁ ପଡ଼ିଲା ନାହିଁ । ପୃଥୁ ସିଂହାସନ ଆରୋହଣ କରିବା ମାତ୍ରେ ଚାରିଆଡ଼େ ଧର୍ମପ୍ରତିଷ୍ଠା ହେଲେ । ପ୍ରକୃତି ଏବଂ ସଂସ୍କୃତିର ସୁରକ୍ଷା ହେଲା । ସମସ୍ତେ ଆନନ୍ଦରେ ରହିବାକୁ ଲାଗିଲେ । ପୃଥୁଙ୍କ ରାଜ୍ୟାଭିଷେକ ଉତ୍ସବରେ ସ୍ୱୟଂ ବ୍ରହ୍ମା ବ୍ରହ୍ମଲୋକରୁ ଆସି ପୂଜା କାର୍ଯ୍ୟ ସମ୍ପନ୍ନ କରାଇଥିଲେ । ସ୍ୱର୍ଗକୁ ଦେବତାମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିଥିଲେ । ବ୍ରହ୍ମା ଲକ୍ଷ୍ୟ କଲେ ଯେ ପୃଥୁଙ୍କ ଡାହାଣ ହାତରେ ଶ୍ରୀବିଷ୍ଣୁଙ୍କ ଅସ୍ତ୍ର ଚକ୍ର ଚିହ୍ନ ରହିଛି । ସେ ଭାବିଲେ ଯେ ପୃଥୁ ନିଶ୍ଚୟ ଜଣେ ଦିବ୍ୟାତ୍ମା ହୋଇଥିବେ । କାରଣ ସେ ଭଗବାନ ବିଷ୍ଣୁଙ୍କ ଅଂଶରୁ ଜାତ ହୋଇଛନ୍ତି । ଏପରି ଦିବ୍ୟ ଚିହ୍ନ ଦେବତାଙ୍କ ହାତରେ ମଧ୍ୟ ଦେଖିବାକୁ ମିଳେନାହିଁ । ଏପରି ଜଣେ ମହାନ ରାଜା ନିଶ୍ଚୟ ଜଗତର କଲ୍ୟାଣ କରିବେ ବୋଲି ବ୍ରହ୍ମ ମନେ ମନେ ଚିନ୍ତା କଲେ । ଶେଷରେ ପୃଥୁ ସିଂହାସନ ଆରୋହଣ କରି ରାଜମୁକୁଟ ପିନ୍ଧିଲେ । ସେ ଜଣେ ଶକ୍ତିଶାଳୀ ରାଜା ଥିଲେ । ସେ ଯେଉଁ ସ୍ଥାନକୁ ଯାଉଥିଲେ ସମୁଦ୍ର, ପର୍ବତ ତାଙ୍କୁ ମାର୍ଗ ଛାଡ଼ି ଦେଉଥିଲେ । ତାଙ୍କର ପତାକା କେବେ ହେଲେ ଅବନତ ହୋଇନଥିଲା । ରାଜା ପୃଥୁଙ୍କ ରାଜୁତି କାଳରେ ବିନା ହଳରେ ପୃଥିବୀରେ ଶସ୍ୟାଦି ଉତ୍ପନ୍ନ ହେଲା । ଗାଈମାନେ ପ୍ରଚୁର ପରିମାଣରେ କ୍ଷୀର ଦେଲେ । ଫୁଲରୁ ବହୁପରିମାଣରେ ମଧୁ ଝରିଲା । ପୃଥୁ ରାଜା ହେବାମାତ୍ରେ ସାରା ସଂସାରର କଲ୍ୟାଣ ନିମନ୍ତେ ଯଜ୍ଞ ଆୟୋଜନ କରାଇଥିଲେ । ଏହି ଯଜ୍ଞରୁ ସୁତ ଏବଂ ମଗଧମାନେ ଉତ୍ପନ୍ନ ହେଲେ ଏବଂ ସେମାନେ ପୃଥୁଙ୍କ ପ୍ରଶଂସା ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଲେ । କିନ୍ତୁ ବେନଙ୍କ ମୃତ୍ୟୁ ଏବଂ ପୃଥୁଙ୍କ ଜନ୍ମ ମଧ୍ୟରେ ସୀମିତ ସମୟର ଅବଧି ଥିଲା ଯେତେବେଳେ ପୃଥିବୀରେ କେହି ରାଜା ନଥିଲେ । ରାଜାଙ୍କ ଅଭାବରୁ ଜଗତର ବିକାଶ ସମ୍ଭବ ହେଲାନାହିଁ । ଭୂମାତା ଶସ୍ୟ ଉତ୍ପନ୍ନ ନକରିବାରୁ ଲୋକମାନେ ଖାଇବାକୁ ପାଇଲେ ନାହିଁ । ଏହିପରି ଦୁଃଖଦୁର୍ଦ୍ଦଶାରେ କାଳ କାଟୁଥିବା ଲୋକମାନେ ପୃଥୁଙ୍କ ରାଜ୍ୟାଭିଷେକ ପରେ ତାଙ୍କ ନିକଟରେ ଦୁଃଖ ଜଣାଇବା ଲାଗି ପହଞ୍ଚିଲେ । ସେମାନେ ପୁଣିଥରେ ଧରାପୃଷ୍ଠକୁ ଶସ୍ୟଶ୍ୟାମଳା କରିଦେବା ଲାଗି ରାଜା ପୃଥୁଙ୍କୁ ଅନୁରୋଧ କଲେ । ବୃକ୍ଷଲତା, ବନସ୍ପତିଙ୍କୁ ପୁନଃ ଉତ୍ପନ୍ନ କରିବା ଲାଗି ଧନୁତୀର ଧରି ଆଗେଇ ଆସିଲେ । ପୃଥୁଙ୍କୁ ଦେଖି ଭୂମାତା ଏକ ଗାଈ ରୂପ ଧାରଣ କରି ପଳାୟନ କରିବାକୁ ଲାଗିଲେ । କିନ୍ତୁ ପୃଥୁ ତାଙ୍କୁ ଛାଡ଼ିଲେ ନାହିଁ । ଶେଷରେ ଭୂମାତା ଧରାଦେଲେ ଏବଂ ବନସ୍ପତି, ବୃକ୍ଷଲତା ଆଦି ଉତ୍ପନ୍ନ କରି ପୁଣିଥରେ ପୃଥିବୀକୁ ଶସ୍ୟରେ ଭରିଦେଲେ । ଚତୁର୍ଦ୍ଦିଗ ଶସ୍ୟଶ୍ୟାମଳା ହୋଇ ଉଠିଲା । ରାଜା ପୃଥୁ ନିଜ ଧନୁ ସାହାଯ୍ୟରେ ବିରାଟ ପର୍ବତକୁ ଭାଙ୍ଗି ସମାନ କରିଦେଲେ । ଚାରିଆଡ଼େ ନଗର, ଗ୍ରାମମାନ ପ୍ରତିଷ୍ଠା ହେଲା । ଶସ୍ୟ ଉତ୍ପାଦନ, ପଶୁପାଳନ, କୃଷି ଏବଂ ବାଣିଜ୍ୟ ଆଦି ସ୍ୱଭାବିକ ଭାବେ ଚାଲିଲା । ରାଜା ପୃଥୁଙ୍କ କାରଣରୁ ଏହା ସମ୍ଭବ ହୋଇପାରିଲା । ସାରା ଜଗତକୁ ପୁର୍ନଜୀବିତ କରିଥିବା କାରଣରୁ ପୃଥୁଙ୍କ ନାମାନୁସାରେ ଭୂମଣ୍ଡଳର ନାମକରଣ ପୃଥିବୀ ହୋଇଥିଲା । ଆସନ୍ତୁ ହରିବଂଶ ପାରାୟଣର ମହିମା ବର୍ଣ୍ଣନା କରି ଭଗବାନ ପ୍ରେମମୟ କୃଷ୍ଣଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରି ପ୍ରାର୍ଥନା କରିବା– 'ପୁରାଣ ଅଟେ ଅଷ୍ଟାଦଶ, ତାଙ୍କଠୁ ଶ୍ରେଷ୍ଠ ହରିବଂଶ । ଜୀବନ ଭରିଦିଏ ଶୁଣଇ, ସକଳ ପାପ ଯାଏ ଧୋଇ । ନବାହ୍ନ ଆଉ ଏକ ବିଂଶ, ବିଧିରେ କଲେ ହରିବଂଶ । କଳିଯୁଗରେ ପରାୟଣ, ସକଳ ଅଭିଷ୍ଟ ପୂରଣ ।

*ତୁଳସୀପୁର, କଟକ*

# ବୁଧେଇ ଓଷା



ଅଲେଖ ଚନ୍ଦ୍ର ସାମଲ

ଭାଦ୍ରବ ମାସର ପ୍ରତି ବୁଧବାର ପାଳିତ ହୁଏ ବୁଧେଇ ଓଷା । ସାଧାରଣତଃ ସଧବା ନାରୀ ସନ୍ତାନ ଆଶାରେ ବା ସନ୍ତାନଙ୍କ ଉନ୍ନତି କାମନା କରି ଏହି ଓଷା କରିଥାନ୍ତି । ଓଷାରେ ପୂଜା ପାଆନ୍ତି ବୁଧିବାମନ । ବୁଧି ଅର୍ଥାତ୍ ଭୈରବୀ ବା ମଙ୍ଗଳା ଓ ବାମନ କହିଲେ ଭୈରବ ବା ସ୍ୱୟଂ ଜଗନ୍ନାଥଙ୍କୁ ବୁଝାଏ । ତେବେ ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ଏହି ପୂଜାରେ ନାରୀ ରୂପୀ ବୁଧ ବା ମଙ୍ଗଳାଙ୍କୁ ପୂଜା କରାଯାଏ । ଶିଳ ଶିଳପୁଆକୁ ବେଶ କରାଯାଇ ସଧବା ନାରୀମାନେ ଓଷା କରିଥାନ୍ତି । ବୁଧେଇ ଓଷାର ବହିରେ ୫ଟି କାହାଣୀ ରହିଛି, ସାଧବ ସାଧବାଣୀ, ଯଯାତି ନଗର ଶୁଣ୍ଢି-ଶୁଣ୍ଢିଆଣୀ, ଯାଜପୁରର ବନ୍ଧୁ ମହାନ୍ତି, ଗର୍ଭଶୂନ୍ୟ ବ୍ରାହ୍ମଣୀ ଓ ହରିପୁରର ଜଣେ ସାଧାରଣ ନାରୀ । ବିଶ୍ୱାସ କରାଯାଏ ନିଃସନ୍ତାନ ମହିଳା ପ୍ରଥମ ପାଳିରୁ ଏକ ଶାଢ଼ି ପୂଜାଘର ଦୁଆର ମୁହଁରେ ପକାଇ ଦେଲେ, ସମସ୍ତଙ୍କ ପାଦସ୍ପର୍ଶରେ ସେ କୃତାର୍ଥ ହୋଇ ସନ୍ତାନ ପ୍ରସବା ହୁଏ । ଏହି ଲୁଗାକୁ ପାହାଡ଼ା କୁହାଯାଏ । ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ରୀତିନୀତି ଅନୁଷ୍ଠିତ ହୋଇଥାଏ । ଆଧ୍ୟାତ୍ମିକ କଥନିକାର ବିଶ୍ୱାସକୁ ଉପଲକ୍ଷ୍ୟ କରି ଅନେକ ଶ୍ରଦ୍ଧାଳୁ ଦାନଧର୍ମ ଦେବା ସହିତ ବସ୍ତ୍ରଦାନ ଓ ଖାଦ୍ୟପଦାର୍ଥ ବଣ୍ଟନ କରିଥାନ୍ତି । ବିଷ୍ଣୁ ସହସ୍ରନାମ ଓ ପାରାୟଣ ଅନୁଷ୍ଠିତ ହୋଇଥିବାବେଳେ କେତେକ ସ୍ଥାନରେ ଛୋଟ ପିଲାମାଙ୍କୁ ସ୍ୱତନ୍ତ୍ର ଭାବରେ ଖେଚେଡ଼ି ଓ କ୍ଷୀରି ଭୋଗ ପ୍ରଦାନ କରାଯାଏ । ମହାପ୍ରଭୁ କୋଟି ଆରାଧ୍ୟ ଶ୍ରୀଜଗନ୍ନାଥ ପବିତ୍ର ବୁଧେଇ ଓଷାରେ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ କାମନା ।

*ପୂର୍ବତନ ଡିଏଫଓ, ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର*

# କବି ସଚ୍ଚି ରାଉତରାୟ (ମୃତ୍ୟୁ : ୨୧ ଅଗଷ୍ଟ)



ଗୋପୀନାଥ ଦାଶ

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବାଦ ପୁରୁଷ, ମାଟି ଓ ମେହନତି ମଣିଷର କବି ପଦ୍ମଶ୍ରୀ ଡ.ସଚ୍ଚିଦାନନ୍ଦ ରାଉତରାୟ ଛୋଟ ମୋର ଗାଁଟି ଓ ବାଜି ରାଉତ ପରି ଲୋକପ୍ରିୟ କବିତାର କାଳଜୟୀ ସ୍ରଷ୍ଟା । ସେ ହିଁ ପ୍ରଗତିବାଦୀ କାବ୍ୟ ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ଓ କାବ୍ୟ ସାହିତ୍ୟର ନୂତନତାର ଅଗ୍ରଦୂତ । ସଚ୍ଚି ରାଉତରାୟ ଏକାଧାରରେ ଜଣେ ବଳିଷ୍ଠ ସମାଲୋଚକ, ପ୍ରାବନ୍ଧିକ, ବିଶିଷ୍ଟ କଥାକାର ତଥା ଉପନ୍ୟାସକାର ଥିଲେ । ତାଙ୍କ ରଚିତ ପ୍ରସିଦ୍ଧ ଗଳ୍ପ ଗ୍ରନ୍ଥ ମଧ୍ୟରୁ ମଶାଣିର ଫୁଲ, ମାଟିର ଡାକ, ଛାଇ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ, ନୂତନ ଗଳ୍ପ ଅନ୍ୟତମ । ଚିତ୍ରଗ୍ରୀବ ଉପନ୍ୟାସ ସଚ୍ଚିଦାନନ୍ଦଙ୍କ ଏକ ଉଲ୍ଲେଖନୀୟ କୃତି । ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗ ଗାଁରେ ଜନ୍ମିତ ସଚ୍ଚିଦାନନ୍ଦଙ୍କ କବିତା ଲେଖା, ସ୍କୁଲ ପଢ଼ା ବୟସରୁ ଆରମ୍ଭ ହୋଇଥିଲା । କଟକ ଟ୍ରେଡିଂ କମ୍ପାନୀ ଦ୍ୱାରା ପ୍ରକାଶିତ ମାସିକ ଶିଶୁ ପତ୍ରିକା ପଞ୍ଚାମୃତରେ ତାଙ୍କର ଏକ ଗଦ୍ୟ କବିତା ୧୯୨୭ରେ ପ୍ରକାଶିତ ହୋଇଥିଲା । କବିତା ଦେଖି ବିଶିଷ୍ଟ ଜନସେବକ ଲକ୍ଷ୍ମୀନାରାୟଣ ସାହୁ ସ୍କୁଲକୁ ଆସି ତାଙ୍କୁ ଭେଟିଥିଲେ । ଗାନ୍ଧିଜୀଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସେ ସ୍ୱାଧୀନତା ସଂଗ୍ରାମ, ଗଡ଼ଜାତ ପ୍ରଜା ଆନ୍ଦୋଳନ ଓ ଛାତ୍ର-କୃଷକ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ତାଙ୍କୁ ଦୁଇ ଥର କାରାବରଣ କରିବାକୁ ପଡ଼ିଥିଲା । ଭାରତୀୟ କଥା ସାହିତ୍ୟକୁ ସାମଗ୍ରିକ ଅବଦାନ ନିମନ୍ତେ ସେ ପଦ୍ମଶ୍ରୀ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ସୋଭିଏତ୍ ଦେଶ ନେହରୁ ପୁରସ୍କାର, ଜ୍ଞାନପୀଠ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଥିଲେ । ୨୦୦୪ ଅଗଷ୍ଟ ୨୧ ତାରିଖ ଦିନ ମହାକବି ସଚ୍ଚି ରାଉତରାୟଙ୍କ ପରଲୋକ ହୋଇଥିଲା ।

*ସେଣ୍ଟ ଥୋମାସ ଇଂରାଜୀ ସ୍କୁଲ,*
*ଝାରସୁଗୁଡ଼ା,*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ,ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା







ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନ୍‌ଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୂରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦର୍ଷା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମ୍ପା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତ୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତ୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ୱୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ୱନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

### ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୁର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୂଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରମାପଂଚାୟତରେ ଥିବା ଶାଖା ଡାକଘର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ୍ୟ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଊର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଊର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ୍ୟ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ୍ୟ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା । ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଜୁଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି ।

# ଜିଲ୍ଲାପାଳଙ୍କୁ ଭେଟି ବନ୍ୟାଞ୍ଚଳ ବାବଦରେ ସମୀକ୍ଷା କଲେ ସାଂସଦ

ବାଲେଶ୍ୱର (ପିଏନ୍)- ଲଘୁଚାପ ଜନିତ ବର୍ଷା ଯୋଗୁଁ ଉତ୍ତର ବାଲେଶ୍ୱରରେ ବନ୍ୟାପଣି ମାଡ଼ିଥିବା ଅଞ୍ଚଳକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗସ୍ତ କରିବା ପରେ ନିଜେ ଅନୁଭବ କରିଥିବା ବନ୍ୟା ପ୍ରପୀଡ଼ିତଙ୍କ ଅସୁବିଧାକୁ ବାଲେଶ୍ୱର ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲ୍ଲପାଳଙ୍କୁ ତାଙ୍କ ବାସଭବନ ସ୍ଥିତ କାର୍ଯ୍ୟାଳୟରେ ଭେଟି ଲୋକଙ୍କୁ କେମିତି ସୁଷମ ଭାବେ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ ପିଇବା ପାଣି, ଗୋଖାଦ୍ୟ ସୂଚାରୁ ରୂପେ ବଣ୍ଟନ କରାଯିବ ସେ ବାବଦରେ ଆଲୋଚନା କରିଥିଲେ। ଯେଉଁମାନଙ୍କର ଘର ବନ୍ୟାପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ରାଜନୀତି ପ୍ରିୟାପ୍ରୀତି ଉର୍ଦ୍ଧ୍ୱରେ ଯାଇ ଚିହ୍ନଟ କରିବା ପାଇଁ ଏବଂ ବେଆଇନ ଭାବେ ସରକାରୀ ଜାଗାକୁ ଅବରୋଧ କରି ରଖିଥିବା ବିଶେଷ କରି ରାସ୍ତା ପାଖରେ ଥିବା ନାଳକୁ ଜବର ଦଖଲ କରି ଦୋକାନ ଗୃହ ନିର୍ମାଣ କରିଥିବା ଏବଂ ବେଆଇନ ଚିଙ୍ଗୁଡ଼ିଘେରୀ କରି ବର୍ଷାପାଣି ପ୍ରବାହରେ ବାଧା ଉତ୍ପନ୍ନ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିବା ପରେ ଜିଲ୍ଲାପାଳ ତୁରନ୍ତ ଏ ସବୁର ସମାଧାନ କରିବେ ବୋଲି କହିବା ସହିତ ତାଙ୍କର ହ୍ୱାଟ୍‌ସଅପରେ ଫଟୋ ଉଠାଇ ପଠାଇବା ପାଇଁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶୁଭଙ୍କର ମହାପାତ୍ର, ଜୋନାଲ ମିଡ଼ିଆ ସଂଯୋଜକ ପ୍ରମୁଖ ଉପସ୍ଥିତ ରହିଥିଲେ ବୋଲି ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଏକ ପ୍ରେସ ବିବୃତିରେ ଲିଖିତ ଭାବେ ଜଣାଇଛନ୍ତି।

# ଚଳାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଳାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୁବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଳୀ ଦେବସ୍ମିତା, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଲି, ଇଂ ଲଡୁକିଶୋର ପଢିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ ।

## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା । ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ପୁପୁ ମହପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ । ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ । ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା । ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି । ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ , ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ । ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ । ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ ।

# ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି । ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି । ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି । ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ । ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ । ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି । ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ । ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ ।ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି ।ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି ।ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି ।ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମସୁଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା,ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ,ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ । ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା । ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା । ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା । ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତ ୨୨୬/ ୨୨ରେ ଏକ ମାମଲା ରୁଜୁ କରିଥିଲେ । ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି । ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ ।

# ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରାସ୍ତାରେ ହେଲା ପ୍ରସବ; ଶିଶୁପୁତ୍ରର ମୃତ୍ୟୁ ପ୍ରସୂତୀଙ୍କୁ ମିଳିଲାନି ଚିକିତ୍ସା

## ଟାଟାଷ୍ଟିଲ ଭୁଲିଗଲା ମାନବିକତା

ଯୋଡ଼ା (ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ୯ ୱାର୍ଡ ଗୋପ ହଟିଂ ସ୍ଥିତ ମଙ୍ଗଳାମନ୍ଦିର ନିକଟ ରାସ୍ତାରେ ଜନ୍ମ ହୋଇଛି ଏକ ଶିଶୁପୁତ୍ର । ଭୂମିଷ୍ଠ ହେବା ପରେ ଶିଶୁପୁତ୍ରଟିର ମୃତ୍ୟୁ ହୋଇଯାଇଥିବା ଖବର ହସ୍ତଗତ ହୋଇଛି । ଏହି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସର୍ବାଧିକ ଖଣି ରାଜସ୍ୱ ଦେଉଥିବା ଖଣି ଉପତ୍ୟକା ଯୋଡା ସହରରେ । ପ୍ରତ୍ୟେକ୍ଷ ସୂତ୍ରରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ସାଢେ ୧୦ଟା ସମୟରେ ଜଳହରୀ ପଞ୍ଚାୟତ ଅଧୀନରେ ଆଇଟିସି କଲୋନୀ ନିବାସୀ କପିଳାସ ନାଏକ ତାଙ୍କ ପତ୍ନୀ ସୁକମତୀ ପୂର୍ତ୍ତୀ ଏବଂ ତାଙ୍କ ଶାଶୁ ଘାସ ନାଏକ ସୁକୁମତୀଙ୍କୁ ଦୁଇ କାନ୍ଧର ସାହାରାରେ ମଙ୍ଗଳାମନ୍ଦିର ରାସ୍ତା ଦେଇ ସରକାରୀ ଡାକ୍ତରଖାନାକୁ ନେଉଥିବା ବେଳେ ପ୍ରସବ ବେଦନା ସହିନପାରି ସୁକୁମତୀ ରାସ୍ତାରେ ଉପରେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ । ହେଲେ ଶିଶୁପୁତ୍ରଟିର କିଛିକ୍ଷଣ ପରେ ମୃତ୍ୟୁ ଘଟିଥିଲା । ପ୍ରସବ ବେଦନାର ଚିତ୍କାର ଏବଂ ମୃତ ଶିଶୁପୁତ୍ରର ଦୁଃଖରେ ମ୍ରିୟମାଣ ମୃତ ଶିଶୁର ମା'ଙ୍କର କ୍ରନ୍ଦନ ବସ୍ତିବାସିନ୍ଦାଙ୍କ ନିଦ ହଜାଇ ଦେଇଥିଲା । ଏସମ୍ପର୍କରେ ବିଦ୍ଧିବଦ୍ଧ ଭାବେ ସୁକୁମତୀଙ୍କ ସ୍ୱାମୀ କପିଳାସଙ୍କ ଠାରୁ ଜାଣିବାକୁ ମିଳିଥିଲା ଯେ ସୋମବାର ଅପରାହ୍ନ ୨ଟା ବେଳେ ସେ ଓ ତାଙ୍କ ପରିବାର ସୁକୁମତୀଙ୍କୁ ପ୍ରସବ ପାଇ ଯୋଡା ସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଡାକ୍ତରଖାନା ପକ୍ଷରୁ କେନ୍ଦୁଝର କିମ୍ବା ଚମ୍ପୁଆ ନେବା ପାଇଁ କୁହାଯାଇଥିଲେ ହେଁ ସମ୍ବଳ ଅଭାବରୁ ସେ ଟାଟା କମ୍ପାନୀ ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରିବର୍ତ୍ତେ କେବଳ କୋଭିଡ ଟେଷ୍ଟ କରାଇ କୌଣସି ରିପୋର୍ଟ ନଦେଇ ତାଙ୍କୁ ପୁନଃ ସରକାରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ସେଠାରୁ ସରକାରୀ ଡାକ୍ତରଖାନାକୁ ଆସିବା ପାଇଁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସର ସୁବିଧା ନମିଳିବାରୁ ଶେଷରେ ସୁକୁମତୀ ପୂର୍ତ୍ତୀଙ୍କ ସ୍ୱାମୀ ଓ ଶାଶୁ ଦୁଇ କାନ୍ଧରେ ଆଶ୍ରା କରି ପାଦରେ ଚାଲି ଚାଲି ମଙ୍ଗଳାମନ୍ଦିର ଦେଇ ରାସ୍ତା ଅତିକ୍ରମ କରୁଥିବା ବେଳେ ଗର୍ଭବତୀ ମହିଳା ସୁକୁମତୀଙ୍କ ରାସ୍ତାରେ ପ୍ରାୟ ରାତ୍ର ୧୧ଟା ବେଳେ ସନ୍ତାନ ପ୍ରସବ ହୋଇଯାଇଥିଲା । ଶିଶୁପୁତ୍ରଟିର ଜନ୍ମ ହେବାର କିଛି ସମୟ ପରେ ମୃତ୍ୟୁ ହୋଇଯାଇଥିଲା । କ୍ରନ୍ଦନ ଏବଂ ଚିତ୍କାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆସି ଦେଖିବା ପରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ । କାରଣ ଶିଶୁପୁତ୍ର ଜନ୍ମ ହେବା ପରେ ଶିଶୁପୁତ୍ରଟିର ନାଭି ମା' ସହିତ ସଂଯୋଗ ହୋଇ ରହିଥିଲା । ମାଙ୍କର ଜୀବନ ପ୍ରତି ବିପଦ ଥିବାରୁ ତୁରନ୍ତ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ସହିତ ଟାଟାକମ୍ପାନୀ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିଲେ । ତେବେ ବଡବିଲରୁ ୧୦୮ ଆମ୍ବୁଲାନ୍ସଟି ପହଞ୍ଚି ସୁକୁମତୀଙ୍କୁ ମୃତ ଶିଶୁପୁତ୍ର ସହ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଜନସାଧାରଣଙ୍କ ମନରେ ଘରୋଇ ଡାକ୍ତରଖାନା ପ୍ରତି ପ୍ରବଳ ଆକ୍ରୋଶ ଦେଖାଯାଇଥିଲା । ଯୋଡା ବିକାଶ ପରିଷଦ ପକ୍ଷରୁ ସଭାପତି ନିରଞ୍ଜନ ବହିଦାର କ୍ଷୋଭର ସହ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ଟାଟା ଖଣି ଖାଇ ପାଣି ଖାଇଲା ହେଲେ ପ୍ରଭାବିତ ଲୋକଙ୍କର ସେବାକୁ ନିଜର ଦାୟିତ୍ୱ ବଦଳରେ ଦୟା ବୋଲି ଭାବିଲା । ଏସମ୍ପର୍କରେ ଟାଟା କମ୍ପାନୀ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ଏମ.କେ.ତ୍ରିପାଠୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ମହିଳା ଜଣକ ଚିକିତ୍ସା ନିମନ୍ତେ ଏଠାକୁ ଆସିଥିବା ସେ ଜାଣିଛନ୍ତି । ଏବଂ ତାଙ୍କର କୋଭିଡ ଟେଷ୍ଟ ମଧ୍ୟ କରାହେବା ପରେ କରୋନା ପଜିଟିଭ ରିପୋର୍ଟ ଜଣାପଡିଛି । ରୋଗୀ ଏଠାରୁ ଚାଲିଯିବା ସମ୍ପର୍କରେ ସେ ତଦନ୍ତ କରିବେ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ ବୋଲି ସେ କହିଥିଲେ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଟାଟାଷ୍ଟିଲ ଡାକ୍ତରଖାନା ପରିସର ମଧ୍ୟରେ କୋଭିଡ ଡାକ୍ତରଖାନା ଥିବା ସତ୍ତ୍ୱେ କିପରି ମହିଳାଙ୍କୁ ଚିକିତ୍ସା କରାନଯାଇ କିପରି ଦାୟିତ୍ୱହୀନ ଭାବେ ପଠାଇ ଦିଆଗଲା ଓ ଆମ୍ବୁଲାନ୍ସଟିଏ ମଧ୍ୟ ତାଙ୍କୁ ଦିଆଗଲା ନାହିଁ ଏହା ଜନସାଧାରଣଙ୍କ ପ୍ରଶ୍ନ । ତେଣେ ସରକାରୀ ଡାକ୍ତରଖାନାରୁ ପ୍ରସବ ଚିକିତ୍ସା ହେବା ପରେ ମହିଳା ଓ ତାଙ୍କ ପରିବାର ଜଳହରୀ ସ୍ଥିତ ଆଇଟିସି ଗ୍ରାମକୁ ଚାଲି ଯାଇଛନ୍ତି । ଯାହାକୁ ସଂକ୍ରମଣର ଆଶଙ୍କାକୁ ବଢାଇ ଦେଇଛି । ଏନେଇ ଟାଟା କମ୍ପାନୀ କର୍ପୋରେଟ କମ୍ୟୁନିକେଶନର ଅଧିକାରୀ ଆଶିଷ ଆଚାର୍ଯ୍ୟ ପ୍ରେସ ବିବୃତ୍ତି ଦେଇ ସୂଚନା ଦେଇଛନ୍ତି ଯେ ସୁକୁମତୀ ପୂର୍ତ୍ତୀଙ୍କୁ ଅକ୍ଟୋବର ୫ ତାରିଖ ରାତି ପ୍ରାୟ ୮.୪୦ ମିନିଟରେ ଟାଟାଷ୍ଟିଲ ହସ୍ପିଟାଲକୁ ଅଣାଯାଇଥିଲା । ହସ୍ପିଟାଲରେ ୨ଜଣ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଅଛନ୍ତି । ଜଣେ ଡାକ୍ତର ସଙ୍ଗରୋଧରେ ଥିବାରୁ ସେ ରୋଗୀଙ୍କୁ ଦେଖି ପାରିବେ ନାହିଁ । ଦ୍ୱିତୀୟ ଡାକ୍ତର କୋଭିଡରୁ ଏବେ ସୁସ୍ଥ ହୋଇଛନ୍ତି ଓ ସେହି ସମୟରେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାକୁ ଆସିପାରିନଥିଲେ । ଏପରିସ୍ଥିତିରେ ରୋଗୀଙ୍କୁ ଏଠାରେ ଭର୍ତ୍ତି କରିବା ସମ୍ଭବପର ନଥିବାରୁ ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା ।

## ବାଲେଶ୍ୱର ସଦର ବିଧାନସଭା ଆସନ ଉପ ନିର୍ବାଚନ: ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ପୋଷ୍ଟାଲ ବାଲଟ୍ ସୁବିଧା

ବାଲେଶ୍ୱର(ପିଏନ)-ବାଲେଶ୍ୱର ସଦର ବିଧାନସଭା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପ- ନିର୍ବାଚନରେ ନିର୍ଦ୍ଦିଷ୍ଟ କିଛି ବର୍ଗର ବ୍ୟକ୍ତିବିଶେଷଙ୍କୁ ପୋଷ୍ଟାଲ ବାଲଟ୍ ସୁବିଧା ଯୋଗାଇ ଦିଆଯିବ । ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ କମିଶନ ମାର୍ଗଦର୍ଶିକା ଜାରି କରିଛନ୍ତି । ପୂର୍ବରୁ କେବଳ ସରକାରୀ କର୍ମଚାରୀ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ମିଳୁଥିବା ବେଳେ ବର୍ତମାନ ଆହୁରି ତିନୋଟି ବର୍ଗର ବ୍ୟକ୍ତିବିଶେଷଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । କୋଭିଡ-୧୯ ନିମନ୍ତେ ସତର୍କତା ଅବଲମ୍ବନ ପୂର୍ବକ ଏହି ତିନୋଟି ବର୍ଗର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ଜରିଆରେ ମତଦାନ କରିବା ପାଇଁ ନିର୍ବାଚନ କମିଶନ ଅନୁମତି ପ୍ରଦାନ କରିଛନ୍ତି । ଏହି ତିନୋଟି ବର୍ଗ ହେଲେ ୧. ବରିଷ୍ଠ ନାଗରିକ(୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷ) ୨. ଦିବ୍ୟାଙ୍ଗ ବ୍ୟକ୍ତି ଯାହାଙ୍କ ନାମ ମତଦାତା ସୂଚୀରେ ଚିହ୍ନିତ ହୋଇଥିବ । ୩. କୋଭିଡ୍-୧୯ରେ ଆକ୍ରାନ୍ତ ବା କୋଭିଡ-୧୯ରେ ପୀଡିତ ହୋଇଥିବା ନେଇ ସନ୍ଦେହ କରାଯାଉଥିବା ବ୍ୟକ୍ତିବିଶେଷ । ଉପରୋକ୍ତ ତିନି ଶ୍ରେଣୀର ମତଦାତାମାନଙ୍କୁ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ପାଇଁ ଫର୍ମ-୧୨ଘ(୧୨ଡ଼) ରେ ରିଟର୍ଣ୍ଣିଂ ଅଧିକାରୀଙ୍କୁ ଆବେଦନ କରିବାକୁ ପଡିବ । ଏହି ଫର୍ମ ବୁଥସ୍ତରୀୟ ଅଧିକାରୀ(ବି.ଏଲ.ଓ)ମାନେ ବଂଟନ କରିବେ । ଏହି ତିନି ଶ୍ରେଣୀର ମତଦାତାମାନେ ଫର୍ମ ପୂରଣ କରି ବି.ଏଲ.ଓ.ମାନଙ୍କୁ ଫେରସ୍ତ କରିବେ । ଏହା ପରେ ସେମାନଙ୍କ ନାମରେ ପୋଷ୍ଟାଲ ବାଲଟ୍ ଜାରି କରାଯିବ । ଦ୍ୱିତୀୟରେ ପୋଷ୍ଟାଲ ବାଲଟ୍‌ଗୁଡିକୁ ଏହି ତିନି ଶ୍ରେଣୀର ମତଦାତାଙ୍କ ପାଖରେ ଜଣେ ବି.ଏଲ.ଓ. ବା ଅନ୍ୟାନ୍ୟଅଧିକାରୀଙ୍କ ଜରିଆରେ ସେମାନଙ୍କ ଘରେ ପହଂଚାଇବାର ବ୍ୟବସ୍ଥା କରାଯିବ, ଯେଉଁଥିରେ ସେମାନେ ମତଦାନ କରିବା ସହିତ ଲଫାପାରେ ସିଲ୍ କରି ସମ୍ପୃକ୍ତ ଅଧିକାରୀମାନଙ୍କ ମାଧ୍ୟମରେ ଫେରାଇ ପାରିବେ । ତାଙ୍କ ଘରକୁ ଅଧିକାରୀମାନେ ଯାଇ ଏହାକୁ ସଂଗ୍ରହ କରିବେ । ପୋଷ୍ଟାଲ ବାଲଟ୍ ଗ୍ରହଣ କରିବା ପାଇଁ ବି.ଏଲ.ଓ. କିମ୍ବା ଅନ୍ୟାନ୍ୟ ଅଧିକାରୀମାନେ ୨ଥର ମତଦାତାଙ୍କ ଘରକୁ ଯିବେ । ସେହି ୨ ଥର ମଧ୍ୟରେ ମତଦାତାମାନେ ତାଙ୍କର ପୋଷ୍ଟାଲ ବାଲଟ୍ ପୂରଣ କରି ଫେରସ୍ତ କରିବା କାର୍ଯ୍ୟ ଯେପରି ସମାପନ କରିବେ, ତାହାକୁ ସୁନିଶ୍ଚିତ କରିବେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ବାଲେଶ୍ୱରଙ୍କ ତରଫରୁ ମତଦାତାମାନଙ୍କୁ ସୂଚୀତ କରାଯାଉଛି ଯେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ କରିବା ବାଧ୍ୟତାମୂଳକ ନୁହେଁ । ଦ୍ୱିତୀୟତଃ ଏହା ମଧ୍ୟ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଥରେ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ମତଦାନ ପାଇଁ ସମ୍ମତି ପ୍ରଦାନ କରିବା ପରେ ସେହି ବ୍ୟକ୍ତିବିଶେଷ ପୋଲିଂ ବୁଥରେ ଯାଇ ଭୋଟ୍ ଦେଇପାରିବେ ନାହିଁ ।

## ରେଳବାଇ ଇଞ୍ଜିନିୟରିଂ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,(ପିଏନ)- ସମ୍ବଲପୁର ରେଳ ମଣ୍ଡଳର ଇଞ୍ଜିନିୟରିଂ ବିଭାଗର ସମ୍ବଲପୁର ଠାରେ କାର୍ଯ୍ୟରତ ଟେକ୍‌ନିସିଆନ ଜୟ ପ୍ରକାଶ ଭକ୍ତଙ୍କ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟ ପ୍ରତି ଉଲ୍ଲେଖନୀୟ ଯୋଗଦାନ ପାଇଁ ସୁରସ୍କୃତ କରାଯାଇଅଛି ।
ତାଙ୍କର କର୍ତବ୍ୟ ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାର ପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ) ଜୟନ୍ତ କୁମାର ଖମାରୀ, ମଣ୍ଡଳ ଇଞ୍ଜିନିୟର (ମଧ୍ୟ) ସରୋଜ କାନ୍ତ ଦାସ ଉପସ୍ଥିତ ଥିଲେ ।


CSB Bank

**PUBLIC NOTICE ON AUCTION OF PLEDGED GOLD ORNAMENTS**

The borrowers in specific and interested bidders, in general, are hereby informed that on account of non-repayment of the Bank's dues by the borrowers as under despite the payment notice and recall/auction notice issued by the Bank,the gold ornaments pledged with the bank as security by the respective borrowers for the loans availed by them will be sold in public auction on "as is where is" and "non-recourse" basis through e-auction portal http://csbgold.auctiontiger.net on 3rd September 2024 at 10.30 AM. The auction may be adjourned to any other later date at the discretion of the bank upon publication of the same in the Bank's notice board. The borrowers are hereby further informed that the gold ornaments will be disposed of by private sale if the public auction is not successful and if there is a further balance to be recovered thereafter, legal action will be initiated against the borrowers for recovery of the balance amounts due to the bank.

| S. No | Account Name | Client ID | No. of Acc. | [illegible] | Weight (Grams) |
|---|---|---|---|---|---|
| BHUBANESWAR | | | | | |
| 1 | BISHUDATTA SUNDARAY | 4490166 | 2 | 501589.49 | 110.9 |
| 2 | BICHITRA MOHAN MUDULI | 4794330 | 1 | 11088.11 | 2.5 |
| 3 | CHITTARANJAN PRADHAN | 3968929 | 1 | 98637.9 | 24 |
| 4 | DEBAJANI DASH | 4065623 | 1 | 152012.29 | 29.5 |
| 5 | DEEPAK KUMAR SAMAL | 7524996 | 1 | 201946.84 | 81.61 |
| 6 | KANCHAN SAHOO | 4445843 | 1 | 164403.17 | 34 |
| 7 | LAXMIPRIYA SAHOO | 3475403 | 1 | 209979.86 | 80.46 |
| 8 | PRASANNA KUMAR PAL | 4794417 | 3 | 232168.34 | 46.2 |
| 9 | PRIYABRATA MISHRA | 7589023 | 1 | 694328.72 | 140.5 |
| 10 | RAJALAXMI MISHRA | 4794503 | 1 | 201398.17 | 40 |
| 11 | RANJEET MOHANTY | 4454771 | 3 | 315369.15 | 62 |
| 12 | SAMIR BEHERA | 7417062 | 1 | 195629.15 | 41 |
| 13 | SASHWAT RANJAN | 4766085 | 1 | 35609.32 | 7.2 |
| 14 | SASMITA BARIK | 7439745 | 1 | 18221.6 | 5.2 |
| 15 | SRIDHAR MARTHA | 4045493 | 1 | 397841.44 | 107.2 |
| 16 | SUDIPTA KUMAR SETHI | 4310504 | 1 | 50480.04 | 11.5 |
| 17 | TRAILOKYA PRADHAN | 4673743 | 1 | 91353.16 | 26.2 |

For more details/account wise information borrowers/interested bidders may contact respective branches and for participating in the auction, please visit/login to the e-auction portal http://csbgold.auctiontiger.net

Authorised Officer
CSB Bank

ODISHA | 22 August 2024


## ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀଙ୍କ ବିୟୋଗ

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ନିରଞ୍ଜନ ମହାନ୍ତିଙ୍କର ୭୪ବର୍ଷ ବୟସରେ ହୃଦ୍‌ଘାତରେ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ ବିୟୋଗ ହୋଇଯାଇଛି । ସେ ବୃକକ ଜନିତ ରୋଗରେ ପିଡ଼ିତ ଥାଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିଲେ । ତାଙ୍କ ମର ଶରୀର ନିକଟରେ ପୁଅ ଗିରିଜାଶଙ୍କର, ଝିଅ ମିତାଲି, ଭାଣିଜୀ ବରିଷ୍ଠ ଆଇନଜୀବୀ ଦିପ୍ତିରାଣୀ ମହାନ୍ତିଙ୍କ ସମେତ ପରିବାର ପରିଜନ ଉପସ୍ଥିତ ଥିଲେ । ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ଗିରିଜାଶଙ୍କର ମୁଖାଗ୍ନି ଦେଇଥିଲେ । ଶେଷକୃତ୍ୟ ସମୟରେ ତାଙ୍କ ଭାଇ ରାଜକିଶୋର, ସୁରେନ୍ଦ୍ରନାଥ, ପୁତୁରା ସନ୍ତୋଷ, ମନୋଜ ଓ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ପରିବାର ପରିଜନମାନେ ଉପସ୍ଥିତ ଥିଲେ ।


**Affidavit**

I Gitanjali ransingh age 48yrs.w/o Kailash Chandra ransingh, at -Nandapur,po -Bajpur, dist-khordha, adhar no 356866592784 and Lic policy number 588921386. Declare before Executive magistrate , Khordha that Gitanjali ransingh and Sita ransingh ,both the name is same and of one person for future all purpose.


## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟ ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍ରୁ, ଗେଜ ମୁଣ୍ଡା, ମୁନୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପଞ୍ଚାୟତ ସମେତ ମାଲଦା,ଫୁଲଝର,କୁମୁଡ଼ି,ଶୁଆକାଟୀ,ବାଂଶପାଳ ଆଦି ପଞ୍ଚାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରି କାରଖାନା କର୍ତ୍ତୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲାଣ୍ଟକୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗରର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗୀ ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ୩୦ ବର୍ଷର ଫଂଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଇଁସାହି ପଂଚାୟତ ଫଂଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଇଁସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଶକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Thursday August 22 2024 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୨୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ପଞ୍ଚାୟତବାସୀଙ୍କ ପକ୍ଷରୁ ବାବର ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି



କେନ୍ଦ୍ରାପଡ଼ା,(ପି.ଏନ): ଶିକ୍ଷାନୁଷ୍ଠାନ, ମନ୍ଦିର ଏବଂ ଗ୍ରାମାଞ୍ଚଳ ବ୍ୟବସାୟୀ କେନ୍ଦ୍ର ନିକଟରେ ଚାଲୁଥିବା ବାବର ବିଦେଶୀ ମଦ ଦୋକାନକୁ ତୁରନ୍ତ ସେଠାରୁ ସ୍ଥାନାନ୍ତର କରାଯିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିକଟରେ ଦାବି କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବାବର ଗ୍ରାମ ପଞ୍ଚାୟତର ବାବର ବଜାରରେ ଠିପିବନ୍ଦ ମଦ ଦୋକାନ ଓ ଠିପି ଖୋଲା ମଦ ଦୋକାନ ଖୋଲାଯାଇ ବ୍ୟବସାୟ କରିଆସୁଛନ୍ତି । ଏହା ଏକ ଗ୍ରାମାଞ୍ଚଳ ଜନଗହଳି ପୂର୍ଣ୍ଣ ବଜାର ହୋଇଥିବା ବେଳେ ମଦ ଦୋକାନର ୨ଶହରୁ ୩ଶହ ମିଟର ମଧ୍ୟରେ ସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା ସମେତ ଏକାଧିକ ମନ୍ଦିର ରହିଛି । ଏହି ମଦ ଦୋକାନ ରାସ୍ତାରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାତାୟତ କରିଥାନ୍ତି । ବାଳିକା ଓ ମହିଳାମାନେ ମଧ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟ, ମନ୍ଦିର ଓ ଡାକ୍ତରଖାନାକୁ ଯାଇଥାନ୍ତି । ନିଶାଡିମାନେ ମଦ୍ୟପାନ କରି ହଙ୍ଗାମା କରିଥାନ୍ତି । ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଦାସର୍ବଦା ଭୟର ବାତାବରଣ ସୃଷ୍ଟି ହୋଇଥାଏ । ଏହି ପଞ୍ଚାୟତର ଲୋକାମାନେ ସଉଦାପତ୍ର କିଣିବା ପାଇଁ ବାବର ବଜାର ଉପରେ ନିର୍ଭର କରିଥାନ୍ତି । ଗ୍ରାମାଞ୍ଚଳ ବଜାରରେ ଦୁଇଟି ମଦ ଦୋକାନ ଖୋଲି ବ୍ୟବସାୟ କରିବା ସ୍ଥାନୀୟ ଲୋକମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ଦାରିଦ୍ର୍ୟର ସୀମାରେଖା ତଳେ ୮୦ପ୍ରତିଶତରୁ ଅଧିକ ଲୋକ ଏହି ପଞ୍ଚାୟତରେ ବସବାସ କରୁଛନ୍ତି । ସେମାନଙ୍କ ପାରିବାରିକ ଗୁଜୁରାଣ ମେଣ୍ଟାଇବାକୁ ଅର୍ଥ ନଥିବା ବେଳେ ବାବର ମଦ ଦୋକାନ ଏହି ଶ୍ରେଣୀର ଲୋକମାନଙ୍କୁ ଅବାଟକୁ ଯିବା ପାଇଁ ସୁଯୋଗ ଦେଇ ପାରିବାରିକ ଅଶାନ୍ତି ସୃଷ୍ଟି କରୁଛି । ଏଠାରେ ମଦ ଦୋକାନ ଆବଶ୍ୟକ ନଥିବା ବେଳେ ଦୁଇଟି ମଦ ଦୋକାନ ଖୋଲିବାକୁ କିପରି ଅନୁମତି ମିଳିଛି ସେନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ଅନୁଭବ କରି ଉପରୋକ୍ତ ଦୁଇଟି ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମହାକାଳପଡା ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ରାଉତ, ବାବର ସମିତି ସଭ୍ୟ ଆଇନଜୀବୀ ପ୍ରତାପ ଚନ୍ଦ୍ର ଦାସ, ସରପଞ୍ଚ ପ୍ରମୋଦ କୁମାର ଦାସ, କେତକୀ ସ୍ୱାଇଁ, ନନ୍ଦିନୀ ଜେନା, ସ୍ୱର୍ଣ୍ଣଲତା ଜେନା, ସବିତା ଜେନା, ସୁଶାନ୍ତି ଜେନା, ସଞ୍ଜୁକ୍ତା ନାୟକ, ଛାୟାବତି ଧଳ, ରଶ୍ମିତା ମଳିକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଏକ ଦାବିପତ୍ର କେନ୍ଦ୍ରାପଡା ଅବକାରୀ ଅଧିକ୍ଷକଙ୍କ ଜରିଆରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ନିକଟକୁ ପଠାଇଛନ୍ତି । ସେମାନଙ୍କ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ କରାଯିବ ବୋଲି ବାବର ପଞ୍ଚାତରବାସୀ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

### ବଜ୍ରପାତରେ କୃଷକଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ଆୟବା ଗ୍ରାମର ଭ୍ରମରବର ନାୟକଙ୍କ ପୁତ୍ର ଜଟିଆ ଓରଫ୍ ବଳରାମ ନାୟକ(୫୩)ଙ୍କ ବଜ୍ରାଘାତରେ ଆଜି ମୃତ୍ୟୁ ହୋଇଯାଇଛି । ସେ ବିଲରେ ଧାନ ରୋଉଥିବା ବେଳେ ଆଜି ଅପରାହ୍ନରେ ପ୍ରଚଣ୍ଡ ଶବ୍ଦ ହୋଇ ବଜ୍ରପାତ ହୋଇଥିଲା । ସେହି ବଜ୍ରପାତରେ ଜଟିଆ ବିଲରେ ଅଚେତ ହୋଇ ପଡିଯାଇଥିଲେ । ନିକଟରେ ବିଲ ରୋଉଥିବା ଅନ୍ୟ ବ୍ୟକ୍ତିମାନେ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇଯାଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଜଟିଆ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ବେଳେ ସେ ଚାଷବାଷ କରି ପରିବାର ପ୍ରତିପୋଷଣ କରୁଥିଲେ । ତାଙ୍କର ଅକାଳ ବିୟୋଗରେ ପରିବାର ସଦସ୍ୟମାନେ ଭାଙ୍ଗି ପଡିଛନ୍ତି । ସଚେତନତା ଅଭାବରୁ ବର୍ଷାଋତୁରେ ବିଲରେ କାମ କରୁଥିବା କୃଷକ ଓ କୃଷି ଶ୍ରମିକ ବଜ୍ରପାତର ଶିକାର ହେଉଛନ୍ତି । ସେମାନଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ । ପ୍ରାୟ ସବୁଦିନ ଅପରାହ୍ନ ସମୟରେ ବିଜୁଳି ଓ ଘଡଘଡି ମାରୁଛି ।

## ବରିଷ୍ଠ ଭଲିବଲ କୋଚ୍ ସଞ୍ଜୟ ଦାସଙ୍କୁ ସମ୍ମାନଜନକ ଆଇକନିକ ସ୍ପୋର୍ଟ୍ସ ଆୱାର୍ଡ




ପାରାଦୀପ,(ପି.ଏନ):ପାରାଦୀପ ବନ୍ଦରର ପୂର୍ବତନ ବିଶିଷ୍ଟ ଭଲିବଲ ଖେଳାଳି ତଥା ଜାତୀୟ ସ୍ତରର ଭଲିବଲ ପ୍ରଶିକ୍ଷକ (କୋଚ୍) ସଞ୍ଜୟ କୁମାର ଦାସ ଙ୍କୁ ଖେଳ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ମିଳିଛି ସମ୍ମାନ ଜଣଙ୍କ ଆଇକନିକ ସ୍ପୋର୍ଟ୍ସ ଆୱାର୍ଡ-୨୦୨୪ । ଏହି ଅବସରରେ ରାକ୍ଷୀପୂର୍ଣ୍ଣିମା ଅବସରରେ ଭୁବନେଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମ ରେ ଶ୍ରୀ ଦାସଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ସୂଚ୍ନାଥାଉକି ସଞ୍ଜୟ ଦାସ ଭଲିବଲ ଖେଳ ଜଗତର ଏକ ସୁପରିଚ୍ତି ନା । ସେ ତାଙ୍କ ଖେଳ ଜୀବନରେ ରାଜ୍ୟ ତଥା ଦେଶରେ ବହୁ ସୁନାମ ଅର୍ଜନ କରିଛନ୍ତି । ତାଙ୍କ ଦ୍ୱାରା ପ୍ରଶିକ୍ଷିତ ବହୁ ଭଲିବଲ ଖେଳାଳି ସୁନାମ ଅର୍ଜନ କରି ପ୍ରତିଷ୍ଠିତ ହୋଇପାରିଛନ୍ତି । ଏହି ଆୱାର୍ଡ ପାଇବା ପରେ ବହୁ ଖେଳପ୍ରେମୀ, ଭଲିବଲ ଖେଳାଳି ଓ ସାଧାରଣରେ ସଞ୍ଜୟ ଦାସଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜଣାଇଛନ୍ତି ।

## ସର୍ବୋଚ୍ଚ ନ୍ୟାୟାଳୟଙ୍କ ସଂରକ୍ଷଣ ଜନିତ ନିର୍ଦ୍ଦେଶକୁ ବିରୋଧ କରି ଭାରତ ବନ୍ଦ



କେନ୍ଦ୍ରାପଡା,(ପି.ଏନ): ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ସଂରକ୍ଷଣରେ ସ୍ୱଚ୍ଛଳ ବର୍ଗଙ୍କୁ ବାଦଦେବାକୁ ଦେଇଥିବା ନିର୍ଦ୍ଦେଶକୁ ବିରୋଧକରି ସଂରକ୍ଷଣ ସପକ୍ଷବାଦୀ ସମିତି ପକ୍ଷରୁ ଦିଆଯାଇଥିବା ଡାକରା ଯୋଗୁଁ ଆଜି ସାରା ଦେଶରେ ଭାରତ ବନ୍ଦ କରାଯାଇଛି । ଅନୁରୂପ ଭାବେ ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ଓ ଅଳ୍ପ ସଂଖ୍ୟକ ଯୁଗ୍ମ ଆକ୍ସନ କମିଟି ଆନୁକୂଲ୍ୟରେ ବୁଧବାର କେନ୍ଦ୍ରାପଡାରେ ବନ୍ଦ ପାଳନ କରାଯାଇଛି । ଯୁଗ୍ମ ଆକ୍ସନ କମିଟି ପକ୍ଷରୁ କଟକ- ଚାନ୍ଦବାଲି ରାସ୍ତାକୁ ସହରର ତିନିମୁହାଣିଛକରେ ରାସ୍ତା ରୋକ କରାଯାଇଥିଲା । କମିଟିର ସଦସ୍ୟ ଓ କର୍ମକର୍ତ୍ତାମାନେ ରାସ୍ତା ଉପରେ ବସିରହିଥିଲେ । ଫଳରେ ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ବସ,ଟ୍ରକ, କାର, ପିକଅପ ଭ୍ୟାନ, ଅଟୋରିକ୍ସା ପ୍ରଭୃତି ଅଟକି ରହିବା ଯୋଗୁଁ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ନିଜର ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକ ଯୋଗୁଁ ଲୋକମାନେ ହିନସ୍ତା ହୋଇଥିଲେ । ଏହି ରାସ୍ତାରୋକରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଦଶରଥ ମଳିକ, ପ୍ରମିଳା ସେଠୀ, ଖଗେଶ୍ୱର ମଳିକ, କଳ୍ପତରୁ ମଳିକ, ସଞ୍ଜୟ ଜେନା, ଅଜୟ ଜେନା, ନଗେନ୍ଦ୍ର ଜେନା, ସୁପ୍ରଭା ମଳିକ, ବିଳାସିନୀ ମଳିକ, ରୋହିତ ମଳିକ, ରାଜକିଶୋର ମଳିକ ପ୍ରମୁଖ ଶତାଧିକ ଦଳିତ ନେତା ସାମିଲ ହୋଇଥିଲେ ।

## ନାଟକ ପୁସ୍ତକ ଉନ୍ମୋଚନ ଉତ୍ସବ



ଭୁବନେଶ୍ୱର,(ପି.ଏନ): ରାଜଧାନୀର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମା ଦୁର୍ଗାଦେବୀ ଡ୍ରାମାଟିକ୍ଲବ ପକ୍ଷରୁ ଚଳିତବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନାଟକ ପୁସ୍ତକ ଉନ୍ମୋଚନ ଉତ୍ସବ ଗାଡକଣ ଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନୀତ ଅତିଥି ଭାବେ ୯ ନଂ ୱାର୍ଡ କର୍ପୋରେଟର ସୁଷମା ସାହୁଙ୍କ ପ୍ରତିନିଧି ସବ୍ୟସାଚୀ ସାହୁ, ୧୨ ନଂ କର୍ପୋରେଟର ଜୟନ୍ତୀ ସାହୁ, ଗ୍ରାମର ବରିଷ୍ଠ ନାଗରିକ ନରେନ୍ଦ୍ର ଦାସ, କିଶୋର ଜେନା, କ୍ଲବର ସଭାପତି ସରୋଜ ଜେନା, ସମ୍ପାଦକ ନନ୍ଦକିଶୋର ସାହୁ, ପରିଚାଳକ କିଶୋର ପାତ୍ର, ନିର୍ଦ୍ଦେଶକ ହୃଷିକେଶ ସାହୁ ପ୍ରମୁଖ ଯୋଗଦେଇ ନାଟକ ପୁସ୍ତକ ଆଖିର ଜନମ କାନ୍ଦିବା ପାଇଁ ଓ ଜୀବନଟା ମାଟି ଭଙ୍ଗା ସିଲଟ ଉନ୍ମୋଚନ କରିଥିଲେ । ବିଧାୟକ ଶ୍ରୀଯୁକ୍ତ ରାଉତ କହିଥିଲେ ସହରୀ ସଭ୍ୟତା ମଧ୍ୟରେ ଗାଡକଣ ଗ୍ରାମର ଏକତା ଓ ଭାଇଚାରା ଅତ୍ୟନ୍ତ ନିଆରା । ଏଭଳି ସୁସମ୍ପର୍କ ସବୁବେଳେ ଉଜ୍ଜିବୀତ ରହିଥାଉ । ସମ୍ପାଦକ ଶ୍ରୀଯୁକ୍ତ ସାହୁ କହିଥିଲେ ଓଡିଶାର କଳା ସଂସ୍କୃତିକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଗ୍ରାମର କଳାକାର ମାନଙ୍କୁ ନେଇ ପ୍ରତିବର୍ଷ ଅହରାତ୍ର ନାଟକ ଅନୁଷ୍ଠିତ ହୋଇଆସୁଛି । ଚଳିତ ବର୍ଷ ୨୬ ଓ ୨୭ ତମ ଅର୍ଘ୍ୟରେ ଏହି ଦୁଇଟି ନାଟକ ମଞ୍ଚସ୍ଥ ହେବ । ଏହି ଉତ୍ସବରେ ସମସ୍ତ କଳାକାରମାନେ ଉପସ୍ଥିତ ଥିଲେ ।

## ଡାକ୍ତର ମୌମିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ପ୍ରତୀକାତ୍ମକ ବିରୋଧ ଓ ଶୋଭାଯାତ୍ରା





ପାରାଦୀପ,(ପି.ଏନ): କଲିକତାର ଆରଜିକର ମେଡିକାଲ କଲେଜରେ ଗତ ଅଗଷ୍ଟ ୯ ତାରିଖରେ ବଳାତ୍କାର ଓ ହତ୍ୟାର ଶିକାର ହୋଇ ଜୀବନ ହାରିଥିବା ଡାକ୍ତର ମୌମିତା ଦେବନାଥଙ୍କୁ ନ୍ୟାୟ ପ୍ରଦାନ କରିବା ଓ ଦୋଷୀମାନଙ୍କୁ କଠୋର ଦଣ୍ଡ ବିଧାନ କରିବା ଦାବିରେ ସମାଜସେବୀ ଆଡ଼ଭୋକେଟ ଡ଼ଃ. ସୁନାକର ବେହେରାଙ୍କ ନେତୃତ୍ୱରେ ପ୍ରତାପ ଚ୍ନ୍ଦ୍ର ସ୍ମାରକୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରାହାମାର ଚ୍ିକିତ୍ସା ଅଧିକାରୀ ଡାକ୍ତର ରିତୁପର୍ଣ୍ଣା ମିଶ୍ର, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚ୍ିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଣ୍ଡା,ଡା.ଦୁର୍ଗା ପ୍ରସାଦ ମିଶ୍ର,ଡା.ଜୀବନଜୋତି ସ୍ୱାଇଁ ,ଫାର୍ମାସିଷ୍ଟ ସୁଧାଂଶୁ ମୋହନ ସାହୁ,ସ୍ୱାସ୍ଥ୍ୟକର୍ମୀ ସୁପରଭାଇଜର ବିରଜା ପ୍ରସାଦ ମହାନ୍ତି, ଅଙ୍ଗନୱାଡି ସୁପରଭାଇଜର କଳ୍ପନା ବାରିକ ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀ,ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଓ ପ୍ରେସ କ୍ଲବ ରାହାମାର ସାମ୍ବାଦିକ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଏକ ବିରାଟ ଶୋଭାଯାତ୍ରା ରାହାମା ଡାକ୍ତରଖାନା ପରିସରରୁ ବାହାରି ସାରଳା ମହାବିଦ୍ୟାଳୟ,ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ମାର୍ଗରେ ସମ୍ପୂର୍ଣ୍ଣ ରାହାମା ବଜାର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ଡାକ୍ତର ଦେବନାଥଙ୍କୁ ନ୍ୟାୟ ପ୍ରଦାନ,ବଳାତ୍କାରୀ ମାନଙ୍କୁ ତୁରନ୍ତ ଦଣ୍ଡବିଧାନ,ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ ସୁରକ୍ଷା ଯୋଗାଇବା ଦାବି ସହ ନାରୀ ଜାତିକୁ ସୁରକ୍ଷା ଓ ସମ୍ମାନ ପ୍ରଦାନ ନିମନ୍ତେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ଏହି ଶୋଭାଯାତ୍ରାରେ ସ୍ଥାନୀୟ ଜନସାଧାରଣ ମାନଙ୍କ ମଧ୍ୟରେ ବରିଷ୍ଠ ବୁଦ୍ଧିଜୀବୀ ଅକ୍ଷୟ କୁମାର ସାହୁ,ସମାଜସେବୀ ବିବେକାନନ୍ଦ ମହାନ୍ତି,ଅବସରପ୍ରାପ୍ତ ଶିକ୍ଷକ ଶରତ ଚ୍ନ୍ଦ୍ର ସାହୁ,ଡ଼ଃ.ବସନ୍ତ ମଞ୍ଜରୀ ଦାସ,ଡ଼ଃ ଅରୁଣ କୁମାର ପାଣି,ମନୋହର ସ୍ୱାଇଁ,ପ୍ରଶାନ୍ତ କୁମାର ଦାସ ପ୍ରମୁଖ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ସେହିପରି ଡାକ୍ତର ଛାତ୍ରୀ ଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ପ୍ରତିବାଦରେ ବୁଧବାର ଦିନ ପାରାଦୀପ ନଗର ବଜରଙ୍ଗ ଦଳ ର ସଂଯୋଜକ ସରୋଜ ବଳିୟାରସିଂହଙ୍କ ନେତୃତ୍ୱରେ ପାରାଦୀପ ବଡପଡ଼ିଆ ସ୍ଥିତ ଦୁର୍ଗା ମନ୍ଦିର ଠାରୁ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ବାହାରି ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଶାନ୍ତିପୂର୍ଣ୍ଣ ପଦଯାତ୍ରା ରେ ଶିବପ୍ରସାଦ ମହାନ୍ତି ,ସାଗର ଲେଙ୍କା,ବାବୁଲ ସେଠି,ନାରାୟଣ,ରାଜା ଆଦି ବଜରଙ୍ଗ ଦଳ ସଦସ୍ୟ ଙ୍କ ସହ ଦୁର୍ଗା ବାହିନୀ ର ଭବାନୀ, ଫିଲୁଶ୍ରୀ , ପିଙ୍କୀ ଆଦି ମାନେ ଯୋଗ ଦେଇଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray